Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:307✦7 March 2026 (Saturday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୩୦୭✦୭ ମାର୍ଚ୍ଚ ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ରାଜ୍ୟସଭା ଦୌଡ଼ ରହିଲେ ୫ ପ୍ରାର୍ଥୀ

ତେଲଙ୍ଗାନା ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ

ଭୁବେନଶ୍ୱର,୬।୩(ନି/ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ୬ ଜଣ ନାମାଙ୍କନ ଭରିଥିବା ବେଳ ଶୁକ୍ରବାର ପ୍ରାର୍ଥିପତ୍ର ଯାଚଂ ହୋଇଛି । ତେବେ ୬ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ବେଳ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି । ୫ ଜଣ ପ୍ରାର୍ଥୀ ଯଥା ବଜିଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ କମନ ପ୍ରାର୍ଥୀ ଦେତଶ୍ୱର ହୋତା ଏବଂ ବଜିପି ପ୍ରାର୍ଥୀ ମନେମାହନ ସାମଲ, ସୁଜିତ୍ କୁମାର ଓ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପ୍ରାର୍ଥିପତ୍ର କାଏମ ରହିଲା । ସେପେଟ ତେଲଙ୍ଗାନାରୁ ନାମାଙ୍କନ ଭରିଥିବା କଣ୍ଡେ ସାୟାନାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି । କେହି ପ୍ରସ୍ତାବକ ନଥିବାରୁ ତାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି । ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ୫ ପ୍ରାର୍ଥୀ । ବଜିପିରୁ ୨, ବଜିଡିରୁ ଜେଣ ଏବଂ ଚତୁର୍ଥ ଆସନ ପାଇଁ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ଭରିଥିଲେ । ବିଜେପିରୁ ରାଜ୍ୟ ସଭାପତି ମନେମାହନ ସାମଲ, ସାଂସଦ ସୁଜିତ୍ କୁମାର, ବିଜେଡିରୁ ସଂତୃପ୍ତ ମିଶ୍ର ନିଜ ନିଜର ନାମାଙ୍କନ ଦାଖଲ କରିଥିଲେ । ସେହିଭଳି ଚତୁର୍ଥ ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦେନଶ୍ୱର ହୋତା ଓ ଦିଲ୍ଲୀପ ରାୟ ନାମାଙ୍କନ ଦାଖଲ କରିଥିଲେ । ମନେମାହନ ସାମଲ ଓ ସୁଜିତ୍ କୁମାରଙ୍କ ନାମାଙ୍କନ ବେଳ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଶେଷେର ସ୍ୱାଧୀନ ପ୍ରାର୍ଥୀ ଭାବେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ ଦିଲ୍ଲୀପ ରାୟ । ଦିଲ୍ଲୀପ ରାୟଙ୍କୁ ବଜିପି ସମଥର୍ନ କରିଛି । ମନେମାହନ ଓ ସୁଜିତ କୁମାର ଦୁଇ ସେଟ୍ ଲେଖାଏଁ ଫର୍ମ ଭରିଥିବା ବେଳ ଦିଲ୍ଲୀପ ରାୟ ୩ ସେଟ୍ ନାମାଙ୍କନ ଭରିଥିଲେ । ବଜିଡି ପକ୍ଷରୁ ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିଥିଲେ ଦଳର ବରିଷ୍ଠ ନେତା ସଂତୃପ୍ତ ମିଶ୍ର । ତାଙ୍କ ସହ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଭରିଥିଲେ ଡାକ୍ତର ଦେତଶ୍ୱର ହୋତା । ବଜିଡି ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ର ୨ ସେଟ୍ ନାମାଙ୍କନ ଦାଖଲ କରିଥିବା ବେଳ ସ୍ୱାଧୀନ ପ୍ରାର୍ଥୀ ଭାବେ ଡାକ୍ତର ଦେନଶ୍ୱର ହୋତା ୩ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସ୍ୱାଧୀନ ପ୍ରାର୍ଥୀ ଦେତଶ୍ୱର ହୋତାଙ୍କୁ ସମଥର୍ନ ଜଣାଇଛନ୍ତି ଉଭୟ ବିଜେଡି ଓ କଟଗ୍ରସ । ଏମିତିରେ ଏହି ଦୁଇ ପ୍ରାର୍ଥୀଙ୍କ ନାମାଙ୍କନ ସମୟେର ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ପିସିସି ସଭାପତି ଭକ୍ତ ଚରଣ ଦାସ ଉପସ୍ଥିତ ଥିଲେ ।

ମଧ୍ୟପ୍ରାଚ୍ୟ ଯୁଦ୍ଧ :କ୍ଷେପଣାସ୍ତ୍ର ବର୍ଷା

ତେଲ୍ ଅଭିଭ/ୱାସିଂଟନ,୬/୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଜି ଷଷ୍ଠ ଦିନରେ ଅତ୍ୟନ୍ତ ବିପଜ୍ଜନକ ପର୍ଯ୍ୟାୟରେ ପ୍ରବେଶ କରିଛି । କ୍ଷେପଣାସ୍ତ୍ର ବର୍ଷା ଭିତରେ ନୂତନ ଅସ୍ତ୍ରଶସ୍ତ୍ରର ପ୍ରୟୋଗ ଯୋଗୁ ଯୁଦ୍ଧ ନୂଆ ମୋଡ଼ ନେଇଛି । ଆଜି ସକାଳେ ଇରାନ ପକ୍ଷରୁ ଇସ୍ରାଏଲ୍ ଉପରେ ଘନଘନ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ବ୍ୟାପକ ଧ୍ୱଂସଲୀଳା ଦେଖିବାକୁ ମିଳିଛି । ସେହିପରି ଗତକାଲି ଆମେରିକା ପକ୍ଷରୁ ଇରାନର ଏକ ପ୍ରମୁଖ ଯୁଦ୍ଧଜାହାଜକୁ ଭାରତ ମହାସାଗରରେ କ୍ଷେପଣାସ୍ତ୍ର ମାଡ଼ କରି ବୁଡ଼ାଇ ଦିଆଯିବାରୁ ଶତାଧିକ ସୈନିକଙ୍କର ମୃତ୍ୟୁ ଘଟିଛି । ଆମେରିକା ଆଜି ପରମାଣୁ ଅସ୍ତ୍ରବାହୀ ମହାଶକ୍ତିଶାଳୀ କ୍ଷେପଣାସ୍ତ୍ର ପରୀକ୍ଷା କରିଥିବାରୁ ଉନ୍ନେଜନା ଚରମରେ ପହଚିଂଛି । ଅନ୍ୟପକ୍ଷରେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖେମିନିଙ୍କ ମୃତ୍ୟୁ ପରେ ଦେଶର ନୂତନ ନେତୃତ୍ୱ ତାଙ୍କ ପୁଅ ମୋଜତବା ଖେମିନିଙ୍କ ହାତକୁ ଯାଇଛି । ଇରାନର ଧର୍ମ ସଂସଦ ମୋଜତବାଙ୍କୁ ସର୍ବୋଚ୍ଚ ନେତା ଘୋଷଣା କରିଛି । ସଂପ୍ରତି ଏହି ମହାଯୁଦ୍ଧର ପ୍ରଭାବ ସମଗ୍ର ବିଶ୍ୱର ଶକ୍ତି ଯୋଗାଣ ଏବଂ ଭୂ-ରାଜନୀତି ଉପରେ ପଡ଼ିବାରୁ ଆଗକୁ ବୈଶ୍ୱିକ ସଙ୍କଟ ଜଟିଳ ହେବ ବୋଲି କୁହାଯାଉଛି ।

ଓଡ଼ିଶାରେ ଅମିତ ଶାହ

ଭୁବନେଶ୍ୱର,୬/୩: ଓଡ଼ିଶାରେ ପହଚିଂଛନ୍ତି କେନ୍ଦ୍ରମନ୍ତ୍ରୀ ଅମିତ ଶାହ । ମୁଣ୍ଡଳୀ, ପାରାଦୀପ ଓ ଜଟଣୀ ପରେ ଭୁବନେଶ୍ୱରଭ ସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡିଆରେ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ ଶାହ । ଓଡ଼ିଶାରେ ପହଚିଂଛନ୍ତି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ । ନିର୍ଦ୍ଧାରିତ ସମୟ ସକାଳ ୧୦:୨୫ରେ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଚିଂ ଥିଲେ ଶାହ । ଶାହଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିମାନବନ୍ଦରେ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଶହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମେତ ଅନ୍ୟାନ୍ୟ ବିଜେପି ବିଧାୟକ, ସଂସଦ ଓ ମନ୍ତ୍ରୀ ଉପସ୍ଥିତ ଥିଲେ । ସ୍ୱାଗତ ପରେ ଶାହ ବିଏସ୍ଏଫ୍ ର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମୁଣ୍ଡଳି ଅଭିମୁଖେ ବାହାରିଛନ୍ତି । ଶାହଙ୍କ ଗସ୍ତ ପାଇଁ ପୁଲିସ କମିଶନର ପକ୍ଷରୁ ସୁରକ୍ଷା କଡାକଡି କରାଯାଇଛି ।

ଏସଆଇଆର ପୂର୍ବରୁ ବଡ଼ ସୂଚନା ଦେଲେ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର,୬/୩(ନି/ପ୍ର): ରାଜ୍ୟରେ ଏସାଇଆର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ବଡ଼ ସୂଚନା ଦେଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ପ୍ରାୟ ୯୦ ପ୍ରତିଶତ ମ୍ୟାପିଂ ସାରିଥିବା କହିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ ଗୋପାଳନ ସାମ୍ବାଦିକ ସମ୍ମିଳନୀରେ ବଡ଼ ସୂଚନା ଦେଇଛନ୍ତି । ରାଜ୍ୟରେ ୯୦% ମ୍ୟାପିଂ ସରିଥିବା ସେ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଏହି ୯୦ପ୍ରତିଶତ ଭୋଟର ତାଲିକାରେ ଯେଉଁମାନେ ଅଛନ୍ତି ସେମାନେ ଉଭୟ ୨୦୨୫ ଭୋଟର ତାଲିକା ଏବଂ ୨୦୦୨ରେ ମଧ୍ୟ ଅଛନ୍ତି । ଏଭଳି କ୍ଷେତ୍ରରେ ଈଖଡଙ୍କୁ ଜଣାଇବାକୁ କହିଛନ୍ତି ନିର୍ବାଚନ ଅଧିକାରୀ । ୨୦୦୨ରେ ସେମାନେ କେଉଁ ନିର୍ବାଚନମଣ୍ଡଳୀରେ ଥିଲେ ସେ ସମ୍ପର୍କରେ ଈଖଡଙ୍କୁ ଜଣାଇବେ ଭୋଟର । ନିର୍ବାଚନ ଅଧିକାରୀ ନିଜ ଆଡୁ ପ୍ରାୟ ୯୦ ପ୍ରତିଶତ ମ୍ୟାପିଂ ସାରିଥିବା କହିଛନ୍ତି । ବାକିଥିବା ୧୦ ପ୍ରତିଶତ ସହରାଚଂଳ ପାଇଁ ସମସ୍ୟା ସୃଷ୍ଟି କରିଛି । ବିଶେଷ କରି ଯେଉଁ ଭୋଟର ମାନେ ୨୦୦୨ରେ ଗ୍ରାମାଚଂଳର ଭୋଟର ଥିଲେ ।

ମୋ ଜମି ହେଉ ସବୁଜ ସୁନ୍ଦର
ମୋ ପଳିସି, ମୋ ହାତରେ
• ରବି 2025ର ଫସଲ ବୀମା ପଳିସି ପାଆନ୍ତୁ
• ଖରିଫ୍ 2026 ଭତ୍ତୁରେ ମଧ୍ୟ ଫସଲ ବୀମା ନିଶ୍ଚୟ କରାନ୍ତୁ
ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ
ମୋ ପଳିସି, ମୋ ହାତରେ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ:
ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର 10 ବର୍ଷର ସଫଳତା
ଦେଶବ୍ୟାପୀ ହେଲ୍ପଲାଇନ୍ 14447
ମୋ ପଳିସି ମୋ ହାତରେ
ମହା ଅଭିଯାନ
@PMFBY

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone/Fax: (06767) 255316
Email: utkalsamachar@gmail.com, Mob: 9437086122

ରେଡ଼ିଓ ଭାବଗ୍ରାହୀର ପଚଂମ ପ୍ରତିଷ୍ଠା ଦିବସ ମହୋତ୍ସବ

କେନ୍ଦ୍ରାପଡ଼ା,୬/୩(ନି/ପ୍ର): ଭଜନ, ସ୍ୱାଗତ ସଙ୍ଗୀତ, ହୋଲି ନୃତ୍ୟ ଏବଂ ଅକ୍ଷୟ ସଙ୍ଗୀତର ମଧୁ ମୂର୍ଚ୍ଛନାରେ ସଭିଏଁ ଉଲ୍ଲସିତ) ସୂଚନା, ଶିକ୍ଷା ଏବଂ ମନୋରଞ୍ଜନର ବଳିଷ୍ଠ ଗଣମାଧ୍ୟମ ରେଡ଼ିଓ, ସମୟ ସହିତ ତାଳ ଦେଇ ଆଜିବି କୃତ୍ରିମ ବୁଦ୍ଧିମତାର ଯୁଗରେ ବହୁ ଜନ ହିତାୟ ଏବଂ ବହୁଜନ ସୁଖାୟ ଉକ୍ତିକୁ ସଫଳତାର ସମାହିତ କରିଆସୁଅଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭାବଗ୍ରାହୀର ପଂଚମ ପ୍ରତିଷ୍ଠା ଦିବସ ଏବଂ ଚତୁର୍ଥ ବାର୍ଷିକ ମହୋତ୍ସବ ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରଶାନ୍ତ କୁମାର ପାଣି ଏବଂ ସମ୍ମାନୀତ ଅତିଥି ଭାବେ ଗବେଷକ ନିରଞ୍ଜନ ମେକାପ, ପରିବେଶବିତ୍ ନୃସିଂହ ଚରଣ ତ୍ରିପାଠୀ, ପ୍ରଫେସର ପ୍ରକାଶ ଦାସ ପ୍ରମୁଖ ଯୋଗଦାନ ପୂର୍ବକ ରେଡ଼ିଓ ଭାବଗ୍ରାହୀର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଏହାର ଉତରୋତର ଉନ୍ନତି କାମନା କରିଥିଲେ। ନିରୁପମା ଜେନା, ଅର୍ଚ୍ଚନା ପରିଡ଼ା, ସନ୍ତୋଷ ଦାସ ବିମଳ ପରିଡାଙ୍କ ରଚନା ଓ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାଇଥିଲେ। ପ୍ରବଚକ ବିକ୍ରମ କେଶରୀ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତିକାର ବିମଳ ପରିଡା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ୨୦୨୨ ମସିହା ମାର୍ଚ୍ଚ ୪ ତାରିଖରେ ପ୍ରତିଷ୍ଠିତ ରେଡ଼ିଓ ଭାବଗ୍ରାହୀର କେତେକ ସଫଳ କାହାଣୀ ସମ୍ପର୍କରେ ଆଲୋକପାତ କରିବା ସହିତ ଗୋଷ୍ଠୀ ବେତାର କେନ୍ଦ୍ର କିପରି ବିଭିନ୍ନ ଗୋଷ୍ଠୀର କଲ୍ୟାଣ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛି ସେ ବିଷୟରେ ସୂଚନା ଦେଇଥିଲେ। ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ପରମ ଆରାଧ୍ୟ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଅପୂର୍ବ ଲୀଳାର ପ୍ରଚାର ପ୍ରସାର ଦିଗରେ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ଉଦ୍ୟମକୁ ମୁଖ୍ୟ ଅତିଥି ପଣ୍ଡିତ ରଥ ପ୍ରଶଂସା କରିଥିଲେ। ପ୍ରଥମେ କଳା ନିକେତନ ପରିସରରେ ଥିବା କବି ଭାବଗ୍ରାହୀ ପରିଡ଼ା, କବି ପତ୍ନୀ ସରୋଜିନୀ ପରିଡା, ଚିର ସବୁଜ ଅକ୍ଷୟ ମହାନ୍ତି ଏବଂ ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସିଦ୍ଧ ବଳଦେବଜୀଉଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ରେଡ଼ିଓ ଭାବଗ୍ରାହୀର ଶୀର୍ଷକ ସଙ୍ଗୀତ ପ୍ରସ୍ତୁତ କରାଯାଇଥିଲା। ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, କେନ୍ଦ୍ର ନିର୍ଦ୍ଦେଶକ ଇଂଜିନିୟର ବିଶ୍ୱଜିତ ପରିଡ଼ା, ଟ୍ରଷ୍ଟି ସୁଶ୍ରୀ ସଙ୍ଗୀତା ଜେନା, କାର୍ଯ୍ୟକ୍ରମ ସହାୟକ ଗୌରବ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଅଶୋକ କୁମାର ସାହୁ, ମହ୍ଲାର ଅର୍କେଷ୍ଟ୍ରାର ସମ୍ପାଦକ ରଞ୍ଜନ କୁମାର ବରାଳ, ରୁରାଲ ଡେଭଲପମେଂଟ କଲ୍ଚରାଲ ୟୁଥ୍ ଅର୍ଗାନାଇଜେସନ୍‌ର ସମ୍ପାଦକ ଚିତରଞ୍ଜନ ପ୍ରଧାନ, ବାଣୀ ବିନୋଦ ସାହିତ୍ୟ ସ୍ରୋ ନିକେତନର ସଦସ୍ୟ ବିକ୍ରମ କେଶରୀ ପରିଡ଼ା, ବିକ୍ରମ କେଶରୀ ସାମଲ, ସୁନାମ ଧନ୍ୟ କୃଷକ ଅଖିଳ ସ୍ୱାଇଁ, ଭାଗ୍ୟଶ୍ରୀ ସାହୁ, ସୁଶାନ୍ତ ସ୍ୱାଇଁ, ଗାୟକ ସୁରେନ୍ଦ୍ର ରାଉତ, ମାନସ ରଞ୍ଜନ ପରିଡା, ରତ୍ନ ମଞ୍ଜରୀ ପରିଡା, ରାଜଲକ୍ଷ୍ମୀ ପରିଡା, ପାୟଲ ତ୍ରିପାଠୀ, ରଶ୍ମି ରଞ୍ଜନ ଖୁଂଟିଆ, ସ୍ୱର୍ଣ୍ଣକାନ୍ତ ପରିଡା, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାମାଲି ସାହୁ, ପାପାଲି ସାହୁ, ଅଭିଲିପ୍ସା ସାହୁ ଏବଂ ପ୍ରତୀକ୍ଷା ନାୟକ ଚିତାକର୍ଷକ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଶେଷରେ ନାଟ୍ୟକାର ଭୀମସେନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଅତିଥିମାନେ ରେଡ଼ିଓ ଭାବଗ୍ରାହୀର ନିୟନ୍ତ୍ରଣ କକ୍ଷ, ପ୍ରସାରଣ କକ୍ଷ ଏବଂ ସରୋଜିନୀ ଷ୍ଟୁଡିଓ ବୁଲି ଦେଖିଥିଲେ। ରେଡ଼ିଓ ଭାବଗ୍ରାହୀର ପଂଚମ ପ୍ରତିଷ୍ଠା ଦିବସ ଉପଲକ୍ଷେ ପାଂଚଗୋଟି ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

୧୦ ଫୁଟ ମାଟି ତଳେ ଶିବ ଲିଙ୍ଗ

ଦେଓଗାଁ,୬/୩(ନି/ପ୍ର):୧୦ଫୁଟ ମାଟି ଭିତରେ ବାହାରିଲେ ମହାଦେ୍ୱ। ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଲଣ୍ଡା ପଥର ପଚାଂୟତର ରୁଗୁଡି ପାଲି ଗାଁରେ ଏକ ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଛି। ଗାଁ ର ଜଣେ ବ୍ୟକ୍ତି ବିଲରେ ରହୁଥିବାବେଳେ ତାଙ୍କୁ ରାତିରେ ସ୍ୱପ୍ନାଦେଶ ହୋଇଥିଲା। ପରେ ସେହି ସ୍ଥାନକୁ ଯାଇ ଦେଖିବାରୁ ମାଟି ଭିତରୁ ଏକ କ୍ଷୀର ଧାର ବାହାରିଥିଲା। ତେବେ କ୍ଷୀର ବାହାରୁଥିବା ସ୍ଥାନ ରୁ ମାଟି ଖୋଳିବାରୁ ଏକ ଦୁଇ ଫୁଟ ଉଚ୍ଚର ଶିବ ଲିଙ୍ଗ ବାହାରିଥିଲା। ଏହି ଘଟଣା ଜଣାପଡ଼ିବା ପରେ ଶିବ ଲିଙ୍ଗ ବାହାରିଥିବା ସ୍ଥାନକୁ ଲୋକଙ୍କ ସୁଅ ଛୁଟୁଛି।

ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ୨୦୨୫-୨୬

କେନ୍ଦୁଝର,୬/୩(ନି/ପ୍ର):ସ୍ଥାନୀୟ ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦୁଝରରେ ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ମାର୍ଚ୍ଚ ୬ ତାରିଖ ସକାଳ ୧୦ ଟାରେ ଉଦଘାଟନ ଏବଂ ୭ ତାରିଖ ଅପରାହ୍ନ ୩ଟାରେ ଉଦଯାପନ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୯ ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ।ଏହି ଉତ୍ସବରେ ଆକାଂକ୍ଷୀ ମେଳା, ଟ୍ୟାଲେଂଟ ଗ୍ୟାଲେରୀ, ଦୋକାନ ଯାତ୍ରା, କ୍ୟାରିଅର ମେଳା,ଛାୟା ସଂସଦ ରେ ୧୯ ଟି ପିଏମ୍ ଶ୍ରୀ ବିଦ୍ୟାଳୟର ପ୍ରାୟ ୮୫୦ ଛାତ୍ରଛାତ୍ରୀ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।ଏହି ଉତ୍ସବରେ ଜିଲ୍ଲାର ମାନ୍ୟବର ସାଂସଦ,ସମସ୍ତ ବିଧାୟକ,ଜିଲ୍ଲା ପରିଷଦ ଅଧ୍ୟକ୍ଷା, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା,ଜିଲ୍ଲାପାଳ ମହୋଦୟ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।ଏହି ପିଏମ୍ ଶ୍ରୀ ଉତ୍ସବ କାର୍ଯ୍ୟକ୍ରମକୁ ବହୁମାତ୍ରାରେ ପରିଦର୍ଶନ କରିବା ପାଇଁ ସ୍ଥାନୀୟ ଜନ ସାଧାରଣ, ବିଭିନ୍ନ ବିଭାଗୀୟ ଅନୁଷ୍ଠାନକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ନିବେଦନ କରାଯାଇଛି।

କେନ୍ଦୁଝର ଜିଲ୍ଲା ବିଜେଡ଼ି ପକ୍ଷରୁ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ

ବିଜେଡି ତରଫରୁ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ

ଭୁବନ,୬/୩(ନି/ପ୍ର):ଢ଼େଙ୍କାନାଳ ଜିଲ୍ଲା ଭୁବନ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ ବିଷ୍ଣୁପ୍ରିୟା ଗାଲାକ୍ସି କନଫରେନ୍ସ ହଲରେ ମହାନ୍ ଜନନାୟକ, ପ୍ରବାଦ ପୁରୁଷ, ଆଧୁନିକ ଓଡ଼ିଶାର ନିର୍ମାତା, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତା ଓ ଏନ୍ ଏ ସି ବିଜେଡି ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରାର୍ଥୀ ଡ଼ା. ଅବିନାଶ ସାମଲ ଯୋଗଦେଇ ବିଜୁ ବାବୁଙ୍କ କର୍ମମୟ ଜୀବନ ଏବଂ ଓଡ଼ିଶା ପାଇଁ ତାଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଓଡ଼ିଶାର ବରପୁତ୍ର ତଥା ଇଣ୍ଡୋନେସିଆର ଭୂମିପୁତ୍ର ବିଜୁ ବାବୁଙ୍କୁ ଭାରତ ରତ୍ନ ନମିଳିବା ଅତ୍ୟନ୍ତ ଦୁଃଖ ଦାୟକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ (ଡୁଗୁ) ଯୋଗଦେଇ କହିଥିଲେ ଯେ, 'ସାହସର ଅନ୍ୟ ନାମ ବିଜୁ ପଟ୍ଟନାୟକ, ଓଡ଼ିଆ ଜାତିର ସେ ଅମର ନାୟକ' । ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ଭଳି ସାହସୀ ହୁଅ ଆଉ ମା ମାଟିକୁ ଭଲ ପାଅ ବୋଲି ମତବ୍ୟକ୍ତ କରିଥିଲେ । 'ମା ହେଲେ ପାଠୋଇ, ଦେଶ ଯିବ ଆଗେଇ' ସ୍ଲୋଗାନ ଦେଇ ନାରୀ ଶିକ୍ଷା ଓ ନାରୀ ଶକ୍ତିର ସଶକ୍ତିକରଣ ପାଇଁ ପଦକ୍ଷେପ ନେଇ ରାଜନୀତିରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାରେ ବିଜୁ ବାବୁ ଥିଲେ ସାରା ଭାରତ ବର୍ଷର ପ୍ରଥମ ରାଜନେତା ବୋଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ସାହୁ କହିଥିଲେ ।

ବଡ଼ନୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଝରିଗାଁ,୬/୩(ନି/ପ୍ର):ଝରିଗାଁ ବ୍ଲକ ପାଲିଆ ପଂଚାୟତ ଅନ୍ତର୍ଗତ ବଡ଼ନୀ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ପାଳିତ ହୋଇଛି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସପନ କୁମାର ହାଲଦାରଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ ରାଜ୍ୟ ଉପ ସଭାପତି ରମେଶ ଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଭାବେ ନବରଙ୍ଗପୁର ଜିଲ୍ଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ର ଯୋଗ ଦେଇଥିଲେ ।ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ବିଧାୟକ ନରସିଂହ ଭତରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ,ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ,ପାଲିଆ ସରପଂ ରାଧା ସାନ୍ତା,ପାଲିଆ ସମିତି ସଭ୍ୟା ମଦନାଦେଇ ଗୌଡ଼ ,ଝରିଗାଁ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଡବ୍ଲୁଇଓ ଅମିତ କୁମାର ନାୟକ,, ବିଏସ ପଦର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାଧୁରାମ ଭତରା,ଭିମାଗୁଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ ବେହେରା, ଭାମୀନି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜେନା, ଚଚା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର,ବଡ଼ନୀ ଗ୍ରାମର ମାଟି ପୂଜାରୀ ମଙ୍ଗୁ ପୂଜାରୀ, ବଡ଼ନୀ ଆଶ୍ରମ ବିଦ୍ୟାଳୟର ସ୍କୁଲ ପରିଚାଳନା ସଭାପତି ହରିଶ୍ଚନ୍ଦ୍ର ପୂଜାରୀ ପ୍ରମୁଖ ମଚାଂସିନ ରହିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ହାଲଦାର ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିବା ପରେ ମଚାଂସିନ ଅତିଥିମାନେ ନିଜ ନିଜ ଅବିଭାଷଣ ରଖିଥିଲେ ।ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।ବିଦ୍ୟାଳୟର ସହ ଶିକ୍ଷକ କୃତିବାସ ହରିଜନ, ବବି ସ୍ୱାଇଁ ସନ୍ତୋଷ ପନକା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ ଜରାୟୁ କର୍କଟ ଟୀକାକରଣର ଶୁଭାରମ୍ଭ

ଖୋର୍ଦ୍ଧା,୬/୩(ନି/ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଜରାୟୁ କର୍କଟର ନିରାକରଣ ନିମିତ ଏଚ.ପି.ଭି. ଟୀକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ମହତ୍ ଅଭିଯାନରେ ଜିଲ୍ଲାର ସମସ୍ତ ୧୪ ବର୍ଷ ବୟସର ବାଳିକାଙ୍କୁ ଗାଡାସିଲ-୪ ଟୀକାର ଗୋଟିଏ ଡୋଜ ଦିଆଯିବ । ଜିଲ୍ଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କମୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଟୀକା ପ୍ରଦାନ କରାଯିବ ।ଏଥିପାଇଁ ତିନି ମାସ ମଧ୍ୟରେ ୧୪୭୨୯ ଜଣଙ୍କୁ ଟୀକା ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି ।ଏହି ଟୀକା ସମ୍ପୂର୍ଣ୍ଣ ଦେୟ ମୁକ୍ତ ଅଟେ । ଏହି ଟୀକା ଅଭିଯାନ ଫଳରେ ଦେଶର ମାତୃଶକ୍ତିକୁ ନିରୋଗ ରଖାଯାଇ ପାରିବ ଏବଂ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧ ହେବ ।

ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ, ରାଜପଥରେ ଶବ ରଖି ପ୍ରତିବାଦ

କୁଳିଅଣା,୬/୩(ନି/ପ୍ର): କୁଳିଅଣା ଥାନା ଅନ୍ତର୍ଗତ ଦିଗାରିଅ ସ୍ଥିଆ ଗ୍ରାମର ଜଣେ ବୃଦ୍ଧ ବୁଢାବଳଙ୍ଗ ନଦୀ କୂଳକୁ ଶୌଚ ହେବାପାଇଁ ଯାଇଥିବା ବେଳେ ହାତୀଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ବିଲୁ ଗିରି(୬୦)। ଏହାର ପ୍ରତିବାଦରେ ଆଜି ପୂର୍ବାହ୍ନରେ ୧୮ ନମ୍ବର ଜାତୀୟ ରାଜପଥ ବାଲିମୁଣ୍ଡୁଳି ଜେଜେ ଢ଼ାବା ସମ୍ମୁଖରେ ଉତ୍ୟକ୍ତ ଜନତା ରାଜପଥ ଅବରୋଧ କରିବା ଫଳରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଆନ୍ଦୋଳନକାରୀଙ୍କ ଦାବି ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ ସହିତ ହାତୀପଲଙ୍କୁ ଅବିଳମ୍ବେ ଶିମିଳିପାଳ ଜାତୀୟ ଉଦ୍ୟାନରେ ଛଡା ଯାଉ, ଜିଲ୍ଲାପାଳ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରନ୍ତୁ । ଗତକାଲି ରାତିରେ ୪ଟିକିଆ ହାତୀପଲ ଫସଲ ଖାଇବା ଉଦ୍ଦେଶ୍ୟରେ ଏ ଅଂଚଳକୁ ଚାଲି ଆସିଥିଲେ। ଦେଉଳି ରେଞ୍ଜ କୁଳିଅଣା ବନପାଳ ବିଜୟ କୁମାର ସେଠୀଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଏହି ହାତୀପଲଙ୍କୁ ଘଉଡ଼ାଇବା ନିମନ୍ତେ ନିୟୋଜିତ ହୋଇଥିଲେ କ୍ଷ ବିଗତ ଛଅ ମାସ ହେଲା ଶିମିଳିପାଳ ଜାତୀୟ ଉଦ୍ୟାନରୁ ପ୍ରଥମେ ୫ଟିକିଆ ହାତୀପଲ ଏ ଅଂଚଳରୁ ଆସିଥିଲେ। ତନ୍ମଧ୍ୟରୁ ଗୋଟିଏ ଦନ୍ତା ଶିମିଳିପାଳ ଫେରି ଯାଇଥିବା ବେଳେ ଆଉ ୪ଟି ହାତୀ ଫେରିବାର ନାମ ଧରୁନାହାନ୍ତି। ଏହି ୪ ଟିକିଆ ହାତୀପଲ ମଧ୍ୟରେ ଗୋଟିଏ ଦନ୍ତା, ଦୁଇଟି ମାଈହାତୀ ଓ ଗୋଟିଏ ହାତୀ ଶାବକ ଥିବା ଜଣାପଡିଛି। ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ପରେ ସେଠାରେ ଉତେଜନା ଦେଖାଦେଇଛି । କୁଳିଅଣା ଥାନା ପୁଲିସ ଘଟଣାସ୍ଥଳରେ ପହଚିଂପରିସ୍ଥିତି ପ୍ରତି ନଜର ରଖିଛି।

ଟ୍ରକକୁ ପଛରୁ ଧକ୍କା ଦେଲା ଟ୍ରକ, ୨ ଗୁରୁତର

ଜଳେଶ୍ୱର,୬/୩(ନି/ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥ ତାରିଣୀ ଛକରେ ଅଭାବନୀୟ ଘଟଣା ଘଟିଛି। ସିମେଂଟ ବୋଝେଇ ଟ୍ରକ ଏକ ଡଷ୍ଟ ବୋଝେଇ ଟ୍ରକକୁ ଧକ୍କା ଦେଇଛି। ଦୁର୍ଘଟଣାରେ ଦୁଇଟି ଟ୍ରକର ଡ୍ରାଇଭର ଗୁରୁତର ହୋଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ ସିମେଂଟ ବୋଝେଇ ଟ୍ରକର ଚକା ଫାଟି ଯିବାରୁ ତାରିଣୀ ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିଲା । ଏହି ସମୟରେ ପଛପଟୁ ଆସୁଥିବା ଏକ ଡଷ୍ଟ ବୋଝେଇ ଟ୍ରକଟି ଭାରସାମ୍ୟ ହରାଇ ପଛ ପଟୁ ଜୋରରେ ଧକ୍କା ଦେଇଥିଲା । ଫଳରେ ଟ୍ରକଟି ସଂପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଥିଲା । ଟ୍ରକ ଭିତରେ ଫସିରହିଥିଲେ ଡ୍ରାଇଭର । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଚିଂ ଦୁଇ ଜଣଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ପୁଲିସ୍ ଟ୍ରକ ଦୁଇଟି ଜବତ କରି ଅଧିକ ତଦନ୍ତ ଜାରି ରଖିଛି ।

କୋଟପାଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାତୀୟ ଏଚ୍.ପି.ଭି ଟୀକାକରଣର ଶୁଭାରମ୍ଭ

ଜୟପୁର, ୬/୩(ନି/ପ୍ର): କୋରାପୁଟ ଜିଲ୍ଲା କୋଟପାଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଜାତୀୟ ଏଚ୍.ପି.ଭି ଟୀକାକରଣର ଶୁଭାରମ୍ଭ ହୋଇଛି । ଏହି ବ୍ଲକ ସ୍ତରିୟ ଟୀକାକରଣର ଶୁଭାରମ୍ଭ କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋଟପାଡ ଏନଏସି ଅଧ୍ୟକ୍ଷ ଏମ ଶଙ୍କର ରାଓ ଉପସ୍ଥିତ ରହି ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବି ପଙ୍କଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଜରାୟୁ ଗ୍ରୀବା କର୍କଟ ପ୍ରତିରୋଧ ପାଇଁ ଅଭିନବ ପଦ କ୍ଷେପ ।ସର୍ଭାଇକାଲ କ୍ୟାନ୍ସର ମୁକାବିଲା ପାଇଁ ୯-୧୪ ବର୍ଷର ବାଳିକାଙ୍କୁ ଟିକା ଦିଆଯିବ ।ପ୍ରଥମ ଡୋଜ ପରବର୍ତୀ ୩ ଡୋଜ ମଧ୍ୟରେ ବର୍ଷେ ଅନ୍ତରାଳ ରହିଛି । ଏଚ୍.ପି.ଭି ଟୀକାରରଣ ଅଭିଯାନ- ଦେଶରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ କେନ୍ଦ୍ରସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି ।

ଚାଷ ଓ ଚାଷୀର ସ୍ୱାର୍ଥ ସୁରକ୍ଷାରେ ସରକାର ସଂପୂର୍ଣ୍ଣ ବିଫଳ

ଭୁବନେଶ୍ୱର,୬/୩(ନି/ପ୍ର): ଚାଷୀର ଆୟ ଦିଗୁଣ କରିବା ଓ ଚାଷକୁ ଲାଭଜନକ ଚାଷରେ ପରିଣତ କରାଇବାର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ସରକାରଙ୍କ ଗତ ୨୦ ମାସ ସମୟ ଭିତରେ ଚାଷୀର ଆୟ ନିମ୍ନଗାମୀ ହେଉଥିଲା ବେଳେ ଚାଷୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଓ ହୀନସ୍ତା ହେଉଛି । ମଣ୍ଡିର ଅବ୍ୟବସ୍ଥା ଏବଂ ଧାନ କିଣିବାରେ ସରକାର ଚାଷୀଙ୍କୁ ରାସ୍ତା ଉପରେ ବସାଇଚାଲିଛନ୍ତି । ଯାଜପୁର ଜିଲ୍ଲାର ବଡଚଣା ବ୍ଲକର ବରପଦା ପଂଚାୟତର ନିଆଳି ଗ୍ରାମରେ ଗତ ତା.୧୮.୨.୨୦୨୬ ରିଖରେ ଭାଗଚାଷୀ ବିଦ୍ୟାଧର ମଲ୍ଲିକ କ୍ଷେତରେ ମୃତ୍ୟୁବରଣ କରିଛି । ଚାଷ ଉଜୁଡ଼ିଯିବା ଚିନ୍ତାରେ ଓ ଋଣ ସୁଜିବା ଚିନ୍ତାରେ ଚାପଗ୍ରସ୍ତ ହୋଇ ବିଦ୍ୟାଧର ମଲ୍ଲିକ ହୃଦଘାତରେ ମୃତ୍ୟୁବରଣ କଲା । ବିଦ୍ୟାଧରର ପରିବାର ଅସହାୟ ଅବସ୍ଥାରେ ଅଛନ୍ତି । ସରକାର ଏବଂ ଜିଲ୍ଲା ପ୍ରଶାସନ ଏପର୍ଯ୍ୟନ୍ତ ତା ପରିବାର ପାଖରେ ପହଂଚି ନାହାନ୍ତି, ବୋଲି କଂଗ୍ରେସ ଅଭିଯୋଗ କରିଛି। ଖବର ମିଳିବା ପରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଘଟଣାର ଅନୁସନ୍ଧାନ କରି ରିପୋର୍ଟ କରିବାପାଇଁ ପଠାଇଥିଲେ । ଗତ ଫେବୃଆରୀ ୨୮ ତାରିଖ ଦିନ ଉକ୍ତ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ନିଆଳି ଗ୍ରାମରେ ଅସହାୟ ପରିବାର ଏବଂ ଗ୍ରାମବାସୀଙ୍କୁ ଭେଟି ପୁଙ୍ଖାନୁପୁଙ୍ଖ ବିବରଣୀ ସଂଗ୍ରହ କରିବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ସଂପୃକ୍ତ ଅଂଚଳର ବାଦାମ ଚାଷୀ ଓ ପୋଟଳ ଚାଷୀଙ୍କର ସୁରକ୍ଷା ନିମନ୍ତେ ପ୍ରତିଶେଦ ମୂଳକ ବ୍ୟବସ୍ଥା କରିବାପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲେ । ସେହିଦିନ ଅପରାହ୍ନରେ ଜିଲ୍ଲା ପ୍ରଶାସନକୁ ଭେଟି ବିଦ୍ୟାଧରର ଅସହାୟ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ସହିତ ସେ ଅଂଚଳର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ଦାବି କରିଥିଲେ ଏବଂ ବାଦାମ ଏବଂ ପୋଟଳଚାଷୀଙ୍କୁ ଫସଲବୀମା ଅର୍ନ୍ତଭୁକ୍ତ କରିବାପାଇଁ ଦାବି କରିଥିଲେ । ଭବିଷ୍ୟତରେ ଫସଲହାନୀ ଓ ବିପର୍ଯ୍ୟୟ ପାଇଁ ଆଗୁଆ ପ୍ରତିଶେଧକମୂଳକ ବ୍ୟବସ୍ଥା ଗ୍ରହଣ କରିବାପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଥିଲେ । ଠିକ ଦୁଇମାସ ତଳେ ଜିଲ୍ଲା କଂଗ୍ରେସ କମଟି ଓ ଜିଲ୍ଲା କିଷାନ କଂଗ୍ରେସ ବାଦାମ ଏବଂ ପୋଟଳ ଚାଷକୁ ପୋକ ଦାଉରୁ ରକ୍ଷା କରିବାପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଦାବି ପ୍ରତି ଭୃକ୍ଷେପ କରିନଥିଲେ । ଯଦି ଜିଲ୍ଲା ପ୍ରଶାସନ ଆଗୁଆ ପଦକ୍ଷେପ ନେଇଥିଲେ ଆଜି ବିଦ୍ୟାଧର ମୃତ୍ୟୁ ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିନଥାନ୍ତା । ଆସନ୍ତା ଦନରେ ବଡ଼ଚଣା ବ୍ଲକ ଘେରାଉ ହେବ ବୋଲି କଂଗ୍ରେସ ଚେତାବନୀ ଦେଇଛି।

ବିବିଧା

ଜାଣି ରଖ

- ପ୍ରଥମ ଥର୍ମୋମିଟର ତିଆରି କରିଥିଲେ ଗାଲିଲିଓ ଗାଲିଲି। ଏଥିରେ ତାପମାତ୍ରା ମାପିବା ପାଇଁ ଜଳ ବ୍ୟବହାର କରାଯାଇଥିଲା।
- ବୁଦ୍ଧ ପୂର୍ଣ୍ଣିମା ଦିନ ଲୁମ୍ବିନୀ ଠାରେ ଜନ୍ମ ହୋଇଥିଲା। ଏହା ଏକ ଐତିହ୍ୟ ଯୁକ୍ତ ଦିବସ। ଏହି ଦିନ ବୁଦ୍ଧଙ୍କ ଜନ୍ମ, ବୁଦ୍ଧତ୍ୱ ପ୍ରାପ୍ତି ଏବଂ ମହାପରିନିର୍ବାଣ ହୋଇଥିଲା। ଏହାକୁ ବୁଦ୍ଧ ଜୟନ୍ତୀ ମଧ୍ୟ କୁହାଯାଏ।
- ମିନ୍ଥୁନ୍ : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।
- କର୍କଟ : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।
- ସିଂହ : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।
- କନ୍ୟା : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।
- ତୁଳା : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।
- ବିଛା : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।
- ଧନୁ : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।
- ମକର : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।
- କୁମ୍ଭ : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।
- ମୀନ : ଆତ୍ମବିଶ୍ୱାସ ବଢିବ। ଅଧିକ ସାହସୀ ହେବେ। ଆତ୍ମୀୟଙ୍କଠାରୁ ଦୂରେ ରହିବା ଦୁଃଖ ଅନୁଭବ କରିପାରନ୍ତି। ଯୌନ ସୁଖର ଯୋଗ ରହିଛି। ଅଧିକ ଚିନ୍ତା ନକରି ଆଗକୁ ବଢନ୍ତୁ। ଶତ୍ରୁମାନେ ପରାସ୍ତ ହେବେ।

ଜନ୍ମତାରିଖ ଅନୁସାରେ ପାଳନ୍ତିନି ଜନ୍ମଦିନ

'ସ୍ପିରିଟ୍' ପରେ ଏହି ପ୍ରୋଜେକ୍ଟରୁ ବାହାରିଲେ ଦୀପିକା

୨୨ ବର୍ଷ ପରେ ଫେରିଲେ ଦିନ୍ତୁ ରେଡ୍ଡିଙ୍କ ସ୍ମୃତିରେ !

ଜୀବନୀ

ପରିସ୍ରା ରୋକୁଥିଲେ...

ବ୍ୟସ୍ତ ଜୀବନରେ ଯକୃତର ଯତ୍ନ

ରକ୍ତହୀନତାରେ ପୀଡ଼ିତା ଭାରତର ଅଧିକାଂଶ ମହିଳା

ଘର ବସତ

ଡାକ୍ତର ପାଇରିଆ

ଛଙ୍କା ହାଡ଼ ଯୋଡ଼ିବ ହାଇଡ୍ରୋଜେଲ୍!

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୭ ମାର୍ଚ୍ଚ ୨୦୨୬

ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ କେନ୍ଦ୍ର, ମହାମହିମ ଓ ଜାମସେଦପୁରର ଓଡ଼ିଆ

ସମଗ୍ର ଭାରତ ବର୍ଷରେ ଓଡ଼ିଆକୁ ଦ୍ୱିତୀୟ ମାତୃଭାଷାର ମାନ୍ୟତା ଦେଇଥିବା ରାଜ୍ୟ ହେଉଛି ଝାଡ଼ଖଣ୍ଡ । ଓଡ଼ିଶାକୁ ଲାଗିଥିବା ଏହି ରାଜ୍ୟଟି ଶିଳ୍ପ କ୍ଷେତ୍ର ଭାବେ ସମୃଦ୍ଧ । ଅନେକ ଓଡ଼ିଆ ପିଢ଼ି ପିଢ଼ି ଧରି ଏଠାରେ ବୃତ୍ତିଗତ କର୍ମସଂସ୍ଥାନ ନିମିତ୍ତ ରହି ଆସୁଛନ୍ତି ଓ ସମଗ୍ର ଝାଡ଼ଖଣ୍ଡର ବିଭିନ୍ନ ଅନୁଷ୍ଠାନରେ ପ୍ରତିଷ୍ଠିତ ପଦପଦବୀରେ ଶୀର୍ଷ କ୍ଷେତ୍ର ଓ ଲୋକପ୍ରିୟ ବ୍ୟବସ୍ଥା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ବଡ଼ ଖୁସିର କଥା ଆସନ୍ତା ୨୬ ଫେବୃଆରୀରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଭାରତର ସର୍ବପୁରାତନ ଲୌହନଗରୀ ଜାମସେଦପୁର ଠାରେ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଧର୍ମାର୍ଥୀ କେନ୍ଦ୍ର ଟ୍ରଷ୍ଟର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏଠାକାର ସୋନାରୀ ଏୟାର ପୋର୍ଟ ଠାରେ ୧୧ଟା ୩୦ ସକାଳ ସମୟରେ ଅବତରଣ କରିବେ । ଏଠାରୁ ସେ କଦମା ମେରିନ୍ ଡ୍ରାଇବ ଠାରେ ଅବସ୍ଥିତ ଭୂମି ପୂଜନ ସ୍ଥଳରେ ପହଞ୍ଚି ଦିନ ୨ଟା ୪୦ ମିନିଟ ପର୍ଯ୍ୟନ୍ତ ସେଠାରେ ଅବସ୍ଥିତ ରହିବେ । ଏହାପରେ ମେରିନ ଡ୍ରାଇବରୁ ମହାରାଣାପ୍ରତାପ ଛକ, ଜେ.ପି. ବସ ଟର୍ମିନାଲ, ଏଗ୍ରିକୋ ରାସ୍ତା ବାରେଡ଼ି ସ୍ଥିତ ଟାଟା ମଣିପାଲ ମେଡ଼ିକାଲ କଲେଜ ପହଞ୍ଚିବେ ଯେଉଁଠି ୩ଟା ୪୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ଟାଟା ମଣିପାଲର ନୂଆ ଏକାଡ଼େମିକ ବ୍ଲକର ଉଦଘାଟନ କରିବା ସହ ହସ୍ପିଟାଲ ପ୍ରବନ୍ଧନ ଦ୍ୱାରା ତିଆରି କରାଯାଉଥିବା 'ଦ୍ରୌପଦୀ ମୁର୍ମୁ କମ୍ପେଲକ୍ସ'ର ଭୂମି ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେବେ । କଲେକଟୋରେଟ୍ ପୂର୍ବସିଂହଭୂମ, ଜାମସେଦପୁରଙ୍କ ସଭାଗୃହରେ ଡେପୁଟି କମିସନର କର୍ଣ୍ଣ ସତ୍ୟାର୍ଥୀଙ୍କ କାର୍ଯ୍ୟାଳୟ ଠାରେ ହେଉଥିବା ସମୀକ୍ଷା ବୈଠକରେ ସୁରକ୍ଷା, ଯାତାୟାତ ରୁଟ ଚାର୍ଟ, ପାର୍କିଂ ଚିକିତ୍ସାଳୟ ବ୍ୟବସ୍ଥା, ଅଗ୍ନିଶ୍ରମ ବ୍ୟବସ୍ଥା, ସ୍ୱଚ୍ଛତା, ପ୍ରୋଟୋକଲ ଅନୁପାଳନ ବିଷୟ ସମ୍ବନ୍ଧିତ ବିଷୟ ଉପରେ ବିଶେଷ ସମୀକ୍ଷା କରାଯାଇ ଥିଲା । ଡି.ସି. ସତ୍ୟାର୍ଥି ନିର୍ଦ୍ଦେଶ ଦେଲେ ଯେ ସବୁକାମ ସମୟ ଅନୁସାରେ ଓ ବ୍ୟବସ୍ଥିତ ଭାବରେ ହେବା ଦରକାର । କାର୍ଯ୍ୟକ୍ରମ ସ୍ଥଳରେ ପ୍ରବେଶ ପତ୍ର, ସେଗୁଡ଼ିକର ସତ୍ୟାପନ, ମିଡ଼ିଆ ପ୍ରବନ୍ଧନ, ଅତିଥି ସତ୍କାର ପ୍ରୋଟୋକଲ ଅନୁସାରେ ସବୁ କାମ ହେବା ଦରକାର । ସେ ସବୁ ବିଭାଗକୁ କହିଲେ, ରାଷ୍ଟ୍ରପତିଙ୍କ ଆମ ଜିଲ୍ଲାକୁ ଆସିବା ଏକ ସମ୍ମାନର କଥା । ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ସକାଳ ୧୧ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ସହରରେ ନୋ ଏଣ୍ଟ୍ରି ଲାଗୁ ହୋଇଯିବ । ଭୂୟାଁଡିହ ସ୍ଥିତ ଜେ.ପି. ବସ ଟର୍ମିନାଲଠୁ ଯାଉଥିବା ଦୂରଗାମୀ ବସ ସବୁ ଚାଲିବ ନାହିଁ । ଅନ୍ୟ ଭିଆଇପି ଆଗମନରେ ଡୋକୋ (ସୋନାରୀ) ପୋଲର ଆରପଟୁ ବସ ସବୁ ଚଲାଯଏ, କିନ୍ତୁ ରାଷ୍ଟ୍ରପତିଙ୍କ ସହରରେ ରହିବା ପର୍ଯ୍ୟନ୍ତ ଏହି ବସ ରୁଟକୁ ପୁରାପୁରି ବନ୍ଦ ରଖାଯିବ, ଲମ୍ବା ଦୂରଗାମୀ ବସର ପରିଚାଳନା ଡିମନା ଛକ ଏବଂ ପାରିଡ଼ିହ ଛକଠାରୁ ପରିଚାଳିତ ହେବ । ଚାଇଁବସ ଓ ଓଡ଼ିଶା ଯାଉଥିବା ବସ ସବୁ ସାକଚି ସ୍ଥିତି ଡୁବୁଲୀ ପାର୍କ ଗେଟ କିମ୍ବା ବିଷ୍ଟୁପୁର ଠାରୁ ବାହାରିବାର ବ୍ୟବସ୍ଥା କରାଯାଇଛି । ଟ୍ରଷ୍ଟକୁ ଦୀର୍ଘ କିଛି ବର୍ଷର ପରିଶ୍ରମ ପରେ ଦୁଇ ଏକର ଆଠ ପାଖାପାଖିତିନି ଏକର ଜମି କଦମାସ୍ଥ ଖଡ଼ଖାଇ ନଇକୂଳ ମେରିନ ଡ୍ରାଇବ ଠାରେ ସେତେବେଳର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ଯୋଗୁଁ ମାତ୍ର ଏକ ଟଙ୍କାରେ ମିଳିଛି । ଏସବୁ ପଛର ମହାନାୟକ ଓ ଏଠାକାର ଓଡ଼ିଆ ମାନଙ୍କର ପ୍ରାଣସ୍ପନ୍ଦନ ସୁରେନ୍ଦ୍ର କୁମାର ବେହେରାଙ୍କ ପ୍ରୟାସର ଏହା ହେଉଛି ମାନସ ସନ୍ତାନ । ହାତରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ, ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ କରି ଆଜି ଏ ସଂସ୍ଥା ମୁଣ୍ଡ ଟେକିବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ୧୨ଶହରୁ ୧୫ଶହ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପୁରୀରୁ ପ୍ରସାଦ ରନ୍ଧନ ପାଇଁ ପୂଜାରୀ ଆସିବାର ବ୍ୟବସ୍ଥା ହୋଇଛି । କାର୍ଯ୍ୟକ୍ରମରେ ହୋମ, ପୂଜା, ନବରତ୍ନ ଓ ଅନ୍ୟାନ୍ୟ ବିଧି ବିଧାନରେ ଭୂମି ପୂଜନର ବ୍ୟବସ୍ଥା କରାଯାଇଛି । ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏହି ଟ୍ରଷ୍ଟ ଗଠନ ହେବାକୁ ଯାଉଛି । ଏଥିରେ ଜଗନ୍ନାଥଙ୍କ ଉପରେ ବିଭିନ୍ନ ତଥ୍ୟ ସମ୍ବଳିତ ଚିତ୍ର ଓ ଚରିତ୍ର ସବୁ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ । କଲେଜ ଓ ୟୁନିଭରସିଟି ସ୍ତରର ପିଲାମାନେ ଗୀତା, ମହାଭାରତ, ରାମାୟଣ ସହ ଜଗନ୍ନାଥ ତତ୍ତ୍ୱ ଉପରେ ଜ୍ଞାନ ଆହରଣ କରିବାର ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି । ଜାମସେଦପୁର ସହରର ଛାମୁଆ ଅନୁଷ୍ଠାନ ଉତ୍କଳ ଆସୋସିଏସନ, ବାନ୍ଧବ ସମିତି ଗୋଲମୁରୀ ଉତ୍କଳ ସମାଜ, ଆମ ଓଡ଼ିଶା ପରିବାର ଛାପ ବିଭିନ୍ନ ଜଗନ୍ନାଥ ମନ୍ଦିର, ଦୁର୍ଗାପୂଜା ଅନୁଷ୍ଠାନ, ସଂକୀର୍ତ୍ତନ ମଣ୍ଡଳୀ ଛଡ଼ା ପୁରା କୋହ୍ଲାଦ ବା ପୂର୍ବସିଂହଭୂମ, ପଶ୍ଚିମ-ସିଂହଭୂମ ଓ ଷଢ଼େଇକଳା-ଖରସୁଆଁ ଜିଲ୍ଲାର ବିଭିନ୍ନ ଓଡ଼ିଆ ଅନୁଷ୍ଠାନ ଛଡ଼ା ଅଣଓଡ଼ିଆ ଅନୁଷ୍ଠାନର ବ୍ୟକ୍ତି ବିଶେଷ, ବ୍ୟବସାୟୀକ ଅନୁଷ୍ଠାନ ପଦାଧିକାରୀଗଣ, ରାଜନୈତିକ, ଶିକ୍ଷାବିତ୍, ଡାକ୍ତର, ଓକିଲ, ନ୍ୟାୟାଧିଶ, ମହିଳା ଆଜି ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହି ଅଛି । ମଞ୍ଚରେ ରାଷ୍ଟ୍ରପତିଙ୍କ ସହିତ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଶୁଭେନ୍ଦ୍ର କୁମାର ବେହେରା, ଟାଟା ଷ୍ଟିଲ ଏମ୍.ଡ଼ି, ଏମ.ପି. ଓ ବିଧାୟକ ରହିବାର କାର୍ଯ୍ୟକ୍ରମ ରହିଛି । ଉତ୍କଳ ଆସୋସିଏସନର ଟ୍ରଷ୍ଟି ମନୋରଞ୍ଜନ ଦାଶ, ବିଭୂତି ଭୂଷଣ ପ୍ରଧାନ, ଡାଃ ସୀମାଞ୍ଚଳ ରାଉଳ, ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ସମାଜସେବୀ ସଙ୍ଗୀତା ବେହେରା, ସାଧାରଣ ସଂପାଦକ ତରୁଣ ମହାନ୍ତି, ଉପସଭାପତି ବାଦଲ ଭୂୟାଁ ଓ ପ୍ରଫେସର ସଞ୍ଜୟ ପାତ୍ର, କୋଷାଧ୍ୟକ୍ଷ ମନୀଷ ଦାଶ, ଉପ ସଚିବ ବିଭୂତି ଭୂଷଣ ମହାନ୍ତି, ପ୍ରତିଭା ମହାନ୍ତି, ମନୋଜ ସାହୁ, ବିଜୟ ମିଶ୍ର, ମନୋରଞ୍ଜନ ଗୌଡ଼, ସୁଜାତା ସାହୁ, ସସ୍ମିତା ପାତ୍ର, ସୁଜାତା ଚୌଧୁରୀ, ଗୀତା ଗୌଡ଼, ବିଶିଷ୍ଟ ଆର୍କିଟେକ୍ଟ ଅବନିଶ ପ୍ରସାଦ ମିଶ୍ର, ଅଶୋକ ମହାପାତ୍ର, ସାଧନା, ସିଫନ ମହାନ୍ତି, ନିରୁପମା ପୃଷ୍ଟି, ଜେ.ପି.ଲେଙ୍କା, ମମତାପାତ୍ର, ସୁଖଶ୍ରୀ ମହାନ୍ତି, ସ୍ନିଗ୍ଧା ମହାନ୍ତି, ମନୋରଞ୍ଜନ ପଶାୟତ, ନିରଞ୍ଜନ ନାୟକ, ଶୁଭଶ୍ରୀ ମହାନ୍ତି, କମଳା ରାଉତ, କନକ ମହାପାତ୍ର, ମନୋରମା ମହାପାତ୍ର, ସୁଶୀଳା ଆଚାର୍ଯ୍ୟ, ନିବେଦିତା ଗୌଡ଼, ସରୋଜା, ମାମୁନୀ, ମିନତୀ ମହାପାତ୍ର, କୁମୁଦିନୀ ପ୍ରଧାନ, ସରୋଜ, ସୁନୀଲ, ସୁକାନ୍ତ, ଦିଲ୍ଲୀପ, ଚିତ ସାହୁ, ସୌମେନ୍ଦ୍ର, ମନୋରଞ୍ଜନ, ସୁବ୍ରତ, ସୁନୀଲ, ବିକାଶ, ଜୟଶ୍ରୀ, ପ୍ରଶାନ୍ତ, ପବିତ୍ର, ଅଶୋକ, ମନୋରଞ୍ଜନ, କିଶୋର, ସଞ୍ଜୟ, ଅରୁଣ, ଜ୍ଞାନ, ପ୍ରସନ୍ନ ଓ ହୃଷିକେଶଙ୍କ ପରି ଓଡ଼ିଆମାନେ ଦିନରାତି କାମ କରିବାର ତତ୍ପରତା ଦେଖାଇ ଏ କାର୍ଯ୍ୟକ୍ରମ ସଫଳ କରିବାକୁ ଦିନରାତି ରାତି ଲାଗିଛନ୍ତି । ଝାଡ଼ଖଣ୍ଡରେ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପ୍ରବାସୀଙ୍କ ଦୀର୍ଘ ଦିନର ଏକ ସ୍ୱପ୍ନ ରହିଥିଲା ତାହା ପୂରଣ ହେବାକୁ ଯାଉଛି । ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ କୃପା ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା ।

'ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ସମ୍ଭବ'...

ଦେବଦର୍ଶନ ପାଇଁ ଶ୍ରୀମନ୍ଦିର ମଧ୍ୟକୁ ଦୈନିକ କେତେ ସଂଖ୍ୟକ ଶ୍ରଦ୍ଧାଳୁ ପ୍ରବେଶ କରନ୍ତି, ତାହା ଋତୁ, ଦିନ ଓ ପର୍ବପର୍ବାଣି ଉପରେ ନିର୍ଭରଶୀଳ । ସାଧାରଣ ଦିନମାନଙ୍କରେ ୧୫ରୁ ୨୫ ହଜାର, ଶନି, ରବିବାର, ଛୁଟିଦିନ, ଏକାଦଶୀ ଓ ସଂକ୍ରାନ୍ତିରେ ୪୦ରୁ ୬୦ ହଜାର, ବିଶେଷ ମହୋତ୍ସବ ସମୟରେ ଦୈନିକ ୧ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଆସିଥାଆନ୍ତି । କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଡିଜିଟାଲ କ୍ୟାମେରା ମାଧ୍ୟମରେ ଗଣନା କରାଯାଉ ନ ଥିବାରୁ ଏବଂ ଏହି ହିସାବ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀଜିଲ୍ଲା ପ୍ରଶାସନ ଓ ପୁଲିସ ଦ୍ୱାରା ବିଭିନ୍ନ ପ୍ରଶାସନିକ ଉପାୟରେ ସଂଗୃହିତ ହୋଇଥିବାରୁ କେବଳ ଆନୁମାନିକ ସଂଖ୍ୟା କୁହାଯାଇପାରେ । ପ୍ରତିଦିନ କେଉଁ ସମୟରେ ସର୍ବାଧିକ ଭକ୍ତଙ୍କ ଗହଳି ହୁଏ, ତାହା ମଧ୍ୟ କେବଳ ଅନୁମାନସର୍ବସ୍ୱ ଆକଳନ । ତେବେ, ବାର୍ଷିକ ପ୍ରାୟ ୩.୫ରୁ ୪ କୋଟି ବା ଦୈନିକ ହାରାହାରି ଏକ ଲକ୍ଷ ଦର୍ଶନାର୍ଥୀ ଶ୍ରୀମନ୍ଦିର ଆସିଥାନ୍ତି ବୋଲି ଜଣାଯାଏ । ଶ୍ରୀମନ୍ଦିର ଭଳି ତିରୁପତିସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ମନ୍ଦିରକୁ ମଧ୍ୟ ସମାନ ସଂଖ୍ୟକ ଦର୍ଶନାର୍ଥୀ ଆସିଥାଆନ୍ତି, ଯାହା ତଥ୍ୟସିଦ୍ଧ; ଅନୁମାନ ଆଧାରିତ ନୁହେଁ । ଆକଳନ ତଥ୍ୟସିଦ୍ଧ ହେଲେ, ସୁରକ୍ଷା ବ୍ୟବସ୍ଥା ଓ ଦର୍ଶନ ନିୟନ୍ତ୍ରଣ, ନୀତିକାନ୍ତି ସମୟ ନିର୍ଦ୍ଧାରଣ, ପର୍ବପର୍ବାଣି ସମୟରେ ପୁଲିସ ବନ୍ଦୋବସ୍ତ ତଥା ଠେଲାପେଲା ବିନା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥିତ କରିବା ପାଇଁ ଏହା ଯେ କେତେ ଉପଯୋଗୀ ହୋଇପାରେ, ତାହା ବୁଝାଇ କହିବା ଅନାବଶ୍ୟକ । ଶ୍ରୀମନ୍ଦିର କେବଳ ଏକ ଦେବାଳୟ ନୁହେଁ, ଏହା କୋଟିକୋଟି ଭକ୍ତଙ୍କ ଆସ୍ଥା ଓ ଆବେଗର କେନ୍ଦ୍ରବିନ୍ଦୁ । ଏଣୁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ହୋଇଆସିଛି । ଏଥିପାଇଁ ଡିଜିଟାଲ ବ୍ୟବସ୍ଥାର ସୁଦୃଢ଼ ପ୍ରୟୋଗ, ପୃଥକ ପ୍ରବେଶ ଓ ପ୍ରସ୍ଥାନ ପଥ ବ୍ୟବସ୍ଥା, ପର୍ବପର୍ବାଣି ସମୟରେ ବିଶେଷ ପରିଚାଳନା, ସେବାୟତ ଓ କର୍ମଚାରୀଙ୍କ ପ୍ରଶିକ୍ଷଣ, ଭକ୍ତମାନଙ୍କ ସଚେତନତା ଏବଂ ଭିଆଇପି ସଂସ୍କୃତିର ବିଲୋପ କରି ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ କରିବାକୁ ବିଭିନ୍ନ ସମୟରେ ବୁଦ୍ଧିଜୀବୀମାନେ ମତ ଦେଇଆସିଛନ୍ତି । କିଛି ମାସ ତଳେ କୁହାଯାଉଥିଲା ଯେ ଧାଡ଼ି ଦର୍ଶନ ବ୍ୟବସ୍ଥା ହିଁ ଏକମାତ୍ର ସମାଧାନ । ଏଥିପାଇଁ କାଠ ରାମ୍ପ ତିଆରି କରାଯାଇ, ସଫଳ ପରୀକ୍ଷଣ ମଧ୍ୟ ହୋଇଥିଲା । ତଥାପି ଏହାକୁ ଆଜି ଯାଏ କାର୍ଯ୍ୟକାରୀ କରାଯାଇ ପାରିନାହିଁ । ଭକ୍ତଙ୍କ ସୁବିଧା ଓ ଶ୍ରୀମନ୍ଦିରର ଗରିମା ମଧ୍ୟରେ ସମନ୍ୱୟ ରଖାଯାଇ ଦର୍ଶନ ବ୍ୟବସ୍ଥା ବ୍ୟବସ୍ଥିତ ହୋଇପାରିଲେ, ସଫଳତା ମିଳିଥାଏ । ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଭକ୍ତମାନଙ୍କ ସହଭାଗିତା ଓ ସଚେତନତାର ଉପଲବ୍ଧି ହେବା ସହିତ ପ୍ରଶାସନର କର୍ତ୍ତବ୍ୟ ହେବା ମଧ୍ୟ ଆବଶ୍ୟକ । ନୂଆ ସରକାର ଆସିବାର ପ୍ରାୟ ଦୁଇ ବର୍ଷ ପୂରିବାକୁ ଯାଉଥିଲେ ମଧ୍ୟ ଦର୍ଶନ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରି ନାହିଁ । ପୂର୍ବ ଭଳି ଶ୍ରୀମନ୍ଦିର ଭିତରେ ଓ ବାହାରେ ଭିଡ଼ ଦେଖିବାକୁ ମିଳୁଛି । ଚାରିଦ୍ୱାର ଖୋଲାଯାଇ ଥିବାରୁ, ଯେଉଁ ଭକ୍ତଗଣ ଖୁସି ହୋଇଥିଲେ, ସେମାନେ ଦର୍ଶନ କରିବାକୁ ଯାଇ ଯନ୍ତ୍ରଣା ପାଉଛନ୍ତି । ଭାରତୀୟଙ୍କ ମୁଣ୍ଡପିଛା ଆୟ ବୃଦ୍ଧି ସହ ତାଳ ଦେଇ, ଗମନାଗମନ ସୁବିଧା ଏବଂ ଭକ୍ତଙ୍କ ତୀର୍ଥାଟନ ପାଇଁ ଆଗ୍ରହ ଓ ସାମର୍ଥ୍ୟ ବଢୁଥିବାରୁ ଗହଳି ବଢ଼ି ଚାଲିଛି । ଏବେ ଭକ୍ତମାନଙ୍କୁ ଚାରିଦ୍ୱାର ଦେଇ ମନ୍ଦିର ବେଢ଼ାରେ ପ୍ରବେଶ ସୁବିଧା ମିଳୁଥିଲେ ମଧ୍ୟ, ପୂର୍ବଭଳି ସାତପାହାଚ ପାଖରେ ଧାଡ଼ି ବାନ୍ଧିବାକୁ ପଡୁଛି । ସମସ୍ତେ ପୂର୍ବଭଳି ନାଟମଣ୍ଡପ ଦେଇ ଜଗମୋହନରେ ପ୍ରବେଶ କରୁଛନ୍ତି ଏବଂ ପ୍ରବଳ ଭିଡ଼ରେ ଠେଲାପେଲାକୁ ସାମନା କରୁଛନ୍ତି । ମହିଳା ଭକ୍ତଙ୍କ ପ୍ରତି ଅସଦାଚରଣ ହେଉଥିବାର ପୀଡ଼ାଦାୟକ ଅଭିଯୋଗ ଆସୁଛି । ଏଣୁ ଏସବୁ ସମସ୍ୟାର ସମାଧାନ ପାଇଁ ଏହି ପ୍ରବନ୍ଧ ମାଧ୍ୟମରେ କିଛି ବିକଳ୍ପ ପ୍ରସ୍ତାବ ଦେଉଛୁ । ଏବେ, ସାତପାହାଚ ଠାରୁ ନାଟମଣ୍ଡପ ଦେଇ ଭିତର କାଠ ପର୍ଯ୍ୟନ୍ତ ରହିଥିବା ଚାରିଟି ଦ୍ୱାର ମଧ୍ୟରୁ କେବଳ ବେହରଣ ଦ୍ୱାରକୁ ଖୋଲା ରଖାଯାଇ ଉତ୍ତର ପାର୍ଶ୍ୱରେ ଥିବା ଗାରଦ ଦ୍ୱାର ଓ ଘଣ୍ଟି ଦ୍ୱାର, ଦକ୍ଷିଣ ପାର୍ଶ୍ୱରେ ପଣ୍ଡା ଦ୍ୱାର ଓ ମୁଦୁଲି ଦ୍ୱାରକୁ ସର୍ବସାଧାରଣ ପ୍ରସ୍ଥାନ ମାର୍ଗ ଭାବେ ବ୍ୟବହାର କରା ଯାଉନାହିଁ । ଏ ସମସ୍ତକୁ କେବଳ ପ୍ରସ୍ଥାନ ଦ୍ୱାର ଭାବେ ଖୋଲା ରଖାଗଲେ ବାହାରୁ ଖୋଲା ପବନ ଆସିବ, ଭିଡ଼ ଶୀଘ୍ର କମିଯାଇ ପାରିବ । ନାଟମନ୍ଦିର ଓ ଜଗମୋହନ ମଧ୍ୟରେ ଜନଗହଳିଜନିତ ଦୁର୍ଘଟଣା ଏଡ଼ାଇବାକୁ ମଧ୍ୟ ଏକାଧିକ ପ୍ରସ୍ଥାନ ଦ୍ୱାର ଖୋଲା ରଖାଯିବା ଜରୁରି । ବହୁ ପ୍ରତୀକ୍ଷା କରି ଥରେ ନାଟମଣ୍ଡପ ମଧ୍ୟକୁ ପ୍ରବେଶ କରିଗଲା ପରେ, ଭକ୍ତଗଣ କାଳିଆ ସାଆନ୍ତଙ୍କୁ ମନଭରି ଦେଖି, ଭକ୍ତିଭାବରେ ତଲ୍ଲୀନ ହୋଇଯିବାକୁ ଚାହାଁନ୍ତି । ଗରୁଡ଼ ସ୍ତମ୍ଭ ପାଖରେ କିଛି ପୂଜାପଣ୍ଡା ଅନଧିକୃତ ଭାବେ ପୂଜାପାଠ କରୁଛନ୍ତି । ଅନେକ ଅଣସେବାୟତ ମଧ୍ୟ ଗହଳି ବଢ଼ାଉଛନ୍ତି, ଯାହା ଠେଲାପେଲା ବଢ଼ିବାର ଅନ୍ୟତମ କାରଣ । ଭକ୍ତମାନଙ୍କ ଭାବାବେଗକୁ ସମ୍ମାନ ଦେଇ କୌଣସି ପ୍ରକାର ବଳପ୍ରୟୋଗ ନ କରି ମନସ୍ତାତ୍ତ୍ୱିକ ଚାପପ୍ରୟୋଗ କରାଯାଇ ଗହଳି ଯଥାଶୀଘ୍ର କମାଇ ଦିଆଯାଇ ପାରିବ; ଯେଉଁଥିପାଇଁ ଆନନ୍ଦ ବଜାରକୁ ସ୍ଥାନାନ୍ତରିତ କରିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ମହାପ୍ରସାଦ ପାଇବାପାଇଁ ଭକ୍ତଙ୍କ ଆକୁଳତା ସହ ଆନନ୍ଦବଜାରର ଅବସ୍ଥିତି କାରଣରୁ ମନ୍ଦିର ବେଢ଼ାରେ ଅତ୍ୟଧିକ ଗହଳି ଲାଗି ରହୁଛି । ଏହା ଉପଲବ୍ଧି କଲା ପରେ ଆନନ୍ଦ ବଜାର ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦେଇଥିଲେ ଗଜପତି ମହାରାଜ । ସେ 'ଅନ୍ନଯଜ୍ଞ କ୍ଷେତ୍ର ପରିକଳ୍ପନା' ପ୍ରସ୍ତୁତ କରି ଉତ୍ତର ଦ୍ୱାର ମଠରେ ବିକଳ୍ପ ଆନନ୍ଦ ବଜାର ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ । ଯେହେତୁ, ଶ୍ରୀମନ୍ଦିରରେ ବିଦ୍ୟମାନ ଭୋଗମଣ୍ଡପ ବା ଭଅଣ୍ଡ, ରୋଷଘର, ସ୍ନାନ ମଣ୍ଡପ ଓ ଆନନ୍ଦ ବଜାର ଏବଂ ପରିକ୍ରମା ମାର୍ଗ ଇତ୍ୟାଦି ମୂଳ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ହେବାର ପରବର୍ତ୍ତୀ କାଳରେ ନିର୍ମିତ ହୋଇଛି, ବିକଳ୍ପ ଆନନ୍ଦ ବଜାର ନିର୍ମାଣ କଲେ, ତାହା ପରମ୍ପରାର ବିରୁଦ୍ଧାଚରଣ କରିବ ନାହିଁ । ଗଜପତିଙ୍କ ପ୍ରସ୍ତାବ ଏହି ଯୁକ୍ତିକୁ ପୁଷ୍ଟ କରୁଛି । ତେବେ, ଏତେ ନିକଟରେ ଗୋଟିଏ ନକରି, ଶ୍ରୀମନ୍ଦିରର ଚାରିଦିଗରେ ଅନ୍ତତଃ ଏକ କିଲୋମିଟର ଦୂରରେ ଚାରିଗୋଟି ବିକଳ୍ପ ଆନନ୍ଦବଜାର ଅତ୍ୟନ୍ତ ବ୍ୟବସ୍ଥିତ, ଭକ୍ତିମୟ ଓ ଶ୍ରଦ୍ଧାଳୁଙ୍କ ପାଇଁ ଆରାମପ୍ରଦ ଭାବେ ପ୍ରତିଷ୍ଠା କରିବାକୁ ଆମର ପ୍ରସ୍ତାବ ରହିବ । ପ୍ରସ୍ତାବିତ ଆନନ୍ଦବଜାର ମଧ୍ୟରୁ ଗୋଟିଏ ବଡ଼ଦାଣ୍ଡରେ ଓ ଆଉ ଗୋଟିଏ ରେଳ ଷ୍ଟେସନ ନିକଟବର୍ତ୍ତୀ ସ୍ଥାନରେ ପ୍ରତିଷ୍ଠା କରାଯିବା ଉଚିତ । ତୃତୀୟଟିକୁ ବାତାନୁକୂଳିତ କରାଯାଇ କାର୍ ରହଣିସ୍ଥଳ ନିକଟରେ ନିର୍ମାଣ କରାଗଲେ ସେଠାରେ ଦେଶବିଦେଶରୁ ଆସୁଥିବା ଭକ୍ତଗଣ ମହାନନ୍ଦରେ ଶ୍ରୀମହାପ୍ରସାଦ ସେବନ କରିବାକୁ ଆଗ୍ରହ ପ୍ରକାଶ କରିବେ । ଚତୁର୍ଥଟି ରଖାଯାଇ ପାରିବ ସହର ବାହାରକୁ ପରିବହନ ହେବାକୁ ଥିବା ବରାଦି ଶ୍ରୀମହାପ୍ରସାଦ ପାଇଁ । ଏହି ସମସ୍ତ ପ୍ରସ୍ତାବିତ ଆନନ୍ଦ ବଜାରକୁ ମହାପ୍ରସାଦ ଉଠିଲା ପରେ ପ୍ରଶାସନ ପକ୍ଷରୁ ବ୍ୟାଟେରିଚାଳିତ ସ୍ୱତନ୍ତ୍ର ଗାଡ଼ିରେ ଯୋଗାଣ ହେଲେ, ଶ୍ରୀମନ୍ଦିର ପରିସର ପରିଷ୍କାର ପରିଚ୍ଛନ୍ନ ରହିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିୟନ୍ତ୍ରିତ ବିକଳ୍ପ ଆନନ୍ଦ ବଜାରର ତଳ ମହଲାରେ ପ୍ରତୀକ୍ଷାଳୟ, ହାତ-ପାଦଧୁଆ ସୁବିଧା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ନିର୍ମାଲ୍ୟ, ଖଜା, ପଥର ମୂର୍ତ୍ତି, ନାଲିବାଡ଼ି, ପଟ୍ଟଚିତ୍ର, ପୁସ୍ତକ, ଭଜନ ଶିଡ଼ି ଓ ଉପହାର ସାମଗ୍ରୀ ଇତ୍ୟାଦି ବିକ୍ରି କରିବା ପାଇଁ ଦୋକାନ ଏବଂ ଉପର ମହଲାରେ ପରିଚ୍ଛନ୍ନ ଭୋଜନାଳୟ ରହିବ । ଫଳରେ ଭକ୍ତଗଣ ଯଥାଶୀଘ୍ର ଦର୍ଶନ ସାରିବା ମାତ୍ରେ ବାହାରକୁ ଯିବାକୁ ଚାହିଁବେ । ସିସିଟିଭି ନଥିବାରୁ, ଠେଲାପେଲା କରୁଥିବା ଅସାମାଜିକ ଶ୍ରଦ୍ଧାଳୁ ଏବଂ ଏହାକୁ ପ୍ରୋତ୍ସାହିତ କରୁଥିବା ଅଣ-ସେବାୟତ ଓ କିଛି ଶ୍ରୀମନ୍ଦିର ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯାଇ ପାରୁନାହିଁ । ଶ୍ରୀମନ୍ଦିର ଅଭ୍ୟନ୍ତରରେ ରକ୍ତ, ବାନ୍ତି ଓ ଖଙ୍କାର ପଡ଼ିଥିବା କାରଣରୁ 'ଶୋଧ' କରିବାକୁ ପଡୁଛି । ଦିଅଁଙ୍କୁ ମହାସ୍ନାନ କରିବାକୁ ପଡୁଥିବାରୁ ଦର୍ଶନ ବନ୍ଦ ରହୁଛି । ସିସିଟିଭି ବ୍ୟବସ୍ଥା ରହିଲେ ଏବଂ ଧରାଗଲା ପରେ ଦଣ୍ଡବିଧାନ ନିଶ୍ଚିତ ଜାଣିଲେ, ସନ୍ଦିଗ୍ଧ ବ୍ୟକ୍ତି ମନ୍ଦିର ଭିତରକୁ ଯିବେ ନାହିଁ । ରତ୍ନସିଂହାସନ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଲିଭିଜନ କ୍ୟାମେରା ଖଞ୍ଜାଯାଇ, କେବଳ ଗୋପନ ସେବା ବ୍ୟତିତ ଅନ୍ୟ ସମସ୍ତ ଦୃଶ୍ୟର ସିଧାପ୍ରସାରଣ କରାଗଲେ ବହୁ ଭକ୍ତ ଶ୍ରୀମନ୍ଦିର, ଏପରିକି ଶ୍ରୀକ୍ଷେତ୍ର ବାହାରେ ଥାଇ ଦେବକୃପା ଲାଭ କରିବାକୁ ଚାହିଁବେ । ପରିକ୍ରମା ମାର୍ଗକୁ ଆମେ ଠିକ୍ ଭାବେ ବ୍ୟବହାର କରି ନାହେଁ । ତାହାକୁ ଶ୍ରୀ ଜଗନ୍ନାଥମୟ ତଥା ଆକର୍ଷଣୀୟ କରିପାରିଲେ, ଶ୍ରଦ୍ଧାଳୁଗଣ ମନ୍ଦିର ବେଢ଼ାରେ ଗହଳି ନକରି ପରିକ୍ରମା ମାର୍ଗକୁ ଚାଲି ଆସିବେ । ବେଢ଼ାରେ ଗହଳି କମିଗଲେ, ବାହାର ଓ ଭିତର କାଠ ନିକଟରେ ଠେଲାପେଲା ହେବ ନାହିଁ । ଭକ୍ତମାନେ ପରିକ୍ରମା ମାର୍ଗରେ ରହି ନୀଳଚକ୍ର ଓ ନେତପରିବର୍ତ୍ତନ ଦେଖିପାରିବେ । ଶ୍ରୀମନ୍ଦିରକୁ ସବୁବେଳେ, ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଦର୍ଶନ ପାଇଁ ଆସୁଛନ୍ତି । ସେମାନଙ୍କୁ, ବଡ଼ି ଭୋର କିମ୍ବା ପହଡ଼ ପଡ଼ିବା ବେଳେ ଦର୍ଶନ ସୁଯୋଗ ଦିଆଗଲେ, ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସମୟ ନଷ୍ଟ ନ ହୋଇ ଗହଳି ସ୍ୱାଭାବିକ ସ୍ତରରେ ରହିବ । ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ପ୍ରତି ମାସରେ ଦୁଇ ଦିନ ସ୍ୱତନ୍ତ୍ର ଦର୍ଶନ ସୁବିଧା କରାଯାଇ ପାରିବ । ଜଣେ ସେବାୟତ ୧୦ ଜଣ ଯାତ୍ରୀଙ୍କୁ ସାଥିରେ ନେଇ ଦର୍ଶନ କରାଇପାରିବାର ଅନୁମତି ତୁରନ୍ତ ପ୍ରତ୍ୟାହୃତ ହେବା ଆବଶ୍ୟକ । ସେହିପରି ସୂଚନା ବ୍ୟବସ୍ଥାକୁ ଉନ୍ନତ କରାଗଲେ, ଭକ୍ତଗଣ ଠାକୁରଙ୍କ ନୀତିକାନ୍ତି, ଦର୍ଶନ ସମୟ ଇତ୍ୟାଦି ବିଷୟରେ ଆଗୁଆ ସୂଚନା ପାଇ ସହଯୋଗ କରିବେ, ଅସନ୍ତୁଷ୍ଟ ହେବେ ନାହିଁ । ଶ୍ରୀମନ୍ଦିର ସହ ଅନ୍ୟ କୌଣସି ମନ୍ଦିର ତୁଳନୀୟ ନୁହେଁ । ଏଣୁ, ତିରୁପତି ଦର୍ଶନ ବ୍ୟବସ୍ଥା ଶ୍ରୀକ୍ଷେତ୍ରରେ ଲାଗୁ କରିବା ଅନାବଶ୍ୟକ । ଭିଡ଼ ଭିତରେ କାଳିଆଠାକୁରଙ୍କ ଦର୍ଶନ ଅନୁଭବ ଅନନ୍ୟ, ଯାହା ଧାଡ଼ିରେ ଯାଇ ଗୋଟିଏ ପଲକରେ ପାଇ ହେବ ନାହିଁ । ଶ୍ରୀଜଗନ୍ନାଥ ଜୀବନ୍ତ ଠାକୁର । ଏତିକି ନିଜେ ବୁଝି, ବୁଝେଇ ଦେଇପାରିଲେ, ଭକ୍ତଗଣ ଚକାନୟନଙ୍କୁ ଦର୍ଶନ କରି ପରମ ସନ୍ତୋଷ ଲାଭ କରିବେ । କ୍ରମବର୍ଦ୍ଧିଷ୍ଣୁ ଭକ୍ତଜନଙ୍କ ପାଇଁ ଚକାଡୋଳା ଦର୍ଶନ ସରଳ, ସୁଗମ ଓ ଭାବଭକ୍ତିପୂର୍ଣ୍ଣ ରହିବ ।

'ଆମେ, ସେମାନେ ଓ ପୂର୍ବାଗ୍ରହ'...

ଏକ ଏକୀକୃତ ସମଗ୍ର ଭାବରେ ଦେଖାଯାଉଥିବା ସମାଜର ପୃଷ୍ଠ ତଳେ ଏକ ମନସ୍ତାତ୍ତ୍ୱିକ ବିଭାଜନ ରହିଛି । ତାହା ହେଉଛି 'ଆମେ' ଏବଂ 'ସେମାନେ' । ସମାଜବିଜ୍ଞାନରେ, 'ଆମେ'କୁ ନିଜ ଗୋଷ୍ଠୀ ଏବଂ 'ସେମାନେ'କୁ ଅନ୍ୟ ଗୋଷ୍ଠୀ କୁହାଯାଏ । ଏହି ବିଭାଜନ ଧର୍ମ ଜାତି, ଭାଷା, କ୍ଷେତ୍ର, ଲିଙ୍ଗ ଓ ବର୍ଗ ଆଧାରିତ ହୋଇପାରେ । 'ଆମେ' ଗୋଷ୍ଠୀକୁ ସାଧାରଣ, ନୈତିକ ଓ ଶ୍ରେଷ୍ଠ ଭାବରେ ଦେଖାଯାଏ । ଅପରପକ୍ଷେ 'ସେମାନେ' ଗୋଷ୍ଠୀକୁ ଭିନ୍ନ, ସନ୍ଦେହଜନକ ଏପରିକି ନିକୃଷ୍ଟ ଭାବେ ବିବେଚନା କରାଯାଏ । ଏଠି ଜାଣି ରଖିବାକୁ ହେବ ଯେ ଏହି ଦୁଇଟି ଗୋଷ୍ଠୀର ମନୋଭାବ ଆନ୍ତରିକ ଭାବରେ ଜଡ଼ିତ । କାରଣ ଗୋଟିଏ ପ୍ରମୁଖ ଗୋଷ୍ଠୀର ଅନୁଭୂତି ଅନ୍ୟ ଗୋଷ୍ଠୀର ଭାବନାରେ ପରିଣତ ହୁଏ ଏବଂ ବିପରୀତ ମଧ୍ୟ ହୁଏ । ସମାଜବିଜ୍ଞାନୀଙ୍କ ମତରେ ଗୋଟିଏ ପକ୍ଷ ଅନ୍ୟ ପକ୍ଷର ବିରୋଧରୁ ହିଁ ନିଜ ପରିଚୟ ପାଇଥାଏ । ଏହି ଅର୍ଥ ହେଉଛି ଯେ ଗୋଟିଏ ପ୍ରଭାବଶାଳୀ ଗୋଷ୍ଠୀର ସୁରକ୍ଷା ପାଇଁ ଦମନ ହୋଇପାରୁଥିବା ଏକ ଦୁର୍ବଳ ଗୋଷ୍ଠୀର ଆବଶ୍ୟକତା ଅଛି । ଭାରତର ଜାତିପ୍ରଥାରେ 'ଅସ୍ପୃଶ୍ୟ' ବା 'ଅଛୁଆଁ' ଶବ୍ଦର ପ୍ରଚଳନ ଏହାର ଏକ ପ୍ରକୃଷ୍ଟ ଉଦାହରଣ । ସମାଜଶାସ୍ତ୍ରୀଙ୍କ ଦ୍ୱାରା 'ଆମେ' ଏବଂ 'ସେମାନେ' ମଧ୍ୟରେ ହେଉଥିବା ବିଭାଜନର ଏକ ପରୀକ୍ଷାମୂଳକ ବର୍ଣ୍ଣନା କରାଯାଇଥିଲା । ଗବେଷକମାନେ ଏକ ବାଳକ ଶିବିରରେ କିଛି କାର୍ଯ୍ୟକଳାପ ସଂରଚନା କରିଥିଲେ । ସ୍ୱତନ୍ତ୍ର ଭାବରେ ସୃଷ୍ଟି ହୋଇଥିବା ଦୁଇଟି ଗୋଷ୍ଠୀକୁ ପୁରସ୍କାର ପାଇଁ ପରସ୍ପର ସହିତ ପ୍ରତିଯୋଗିତା କରିବାକୁ ପଡ଼ିଲା । ଦେଖାଗଲା ସମ୍ପୃକ୍ତ ଗୋଷ୍ଠୀ ସଦସ୍ୟମାନେ କିଛି ସମୟ ମଧ୍ୟରେ ପରସ୍ପର ପ୍ରତି ଶତ୍ରୁତା, ଖରାପ ଭାଷା, ଶାରୀରିକ ଆକ୍ରମଣ ଓ ରୂଢ଼ିବାଦୀ ଚିନ୍ତାଧାରା ବିକଶିତ କଲେ । ପ୍ରାରମ୍ଭରେ ପ୍ରତ୍ୟେକ ଗୋଷ୍ଠୀରେ ସଦସ୍ୟମାନେ ପରସ୍ପର ଘନିଷ୍ଠ ବନ୍ଧୁ ଥିବା ସତ୍ତ୍ୱେ ପୁରସ୍କାର ପାଇଁ ପରମ ଶତ୍ରୁ ପାଲଟିଗଲେ । ଏହି ସାମାଜିକ ପରୀକ୍ଷଣର ମୂଳ କଥା ଥିଲା ଯେ ରୂଢ଼ିବାଦୀ ଓ ଭେଦଭାବର ଧାରଣାଗୁଡ଼ିକ ଶିଖାଯାଏ ନାହିଁ । ବରଂ ଏକ ପରିସ୍ଥିତି ଓ ପରିବେଶ ଦ୍ୱାରା ଏସବୁ ସୃଷ୍ଟି ହୋଇଥାଏ । ରୂଢ଼ିବାଦୀ ଓ ପକ୍ଷପାତୀ ଧାରଣାଗୁଡ଼ିକ ଯଦି ଦୀର୍ଘକାଳ ଜାରି ରହେ ତେବେ ସମାଜରେ ସେଗୁଡ଼ିକ 'ପୂର୍ବାଗ୍ରହ' ବା 'ପ୍ରେଜୁଡିସ୍'ରେ ପରିଣତ ହୁଏ । ପୂର୍ବାଗ୍ରହ ହେଉଛି- କୌଣସି ବ୍ୟକ୍ତି, ବସ୍ତୁ, ବିଷୟ, ଜାତି, ଲିଙ୍ଗ, ଧର୍ମ ବିଷୟରେ ପ୍ରକୃତ ତଥ୍ୟ ଓ ଅନୁଭୂତି ବିନା ପୂର୍ବରୁ ମନ ଭିତରେ ବସା ବାନ୍ଧିଥିବା ନିଜସ୍ୱ ମତ । ଏହି ଭଳି ଧାରଣାକୁ ନେଇ ସମାଜରେ ବିଭେଦ, ହିଂସା, ଦ୍ୱନ୍ଦ୍ୱ ଓ ଭେଦଭାବ ସୃଷ୍ଟି ହୋଇଥାଏ । ସମାଜଶାସ୍ତ୍ରୀ ଗୋର୍ଡନ ଅଲପୋର୍ଟ ନିଜ ପୁସ୍ତକରେ ପୂର୍ବାଗ୍ରହର ଏକ ଚମତ୍କାର ବର୍ଣ୍ଣନା କରି କହିଛନ୍ତି- ଏହା ତ୍ରୁଟିପୂର୍ଣ୍ଣ ମାନସିକତା ଉପରେ ଆଧାରିତ । ଏହାକୁ ଅନୁଭବ କରାଯାଇପାରେ କିମ୍ବା ଅନେକ କ୍ଷେତ୍ରରେ ଏହା ଖୋଲାଖୋଲି ପ୍ରକାଶିତ ମଧ୍ୟ ହୋଇପାରେ । ଗୋର୍ଡନ ଅଲପୋର୍ଟଙ୍କ ମତରେ ଏହି ଧାରଣା ଏକ ଗୋଷ୍ଠୀ ଆଡ଼କୁ ନିର୍ଦ୍ଦେଶିତ ହୋଇପାରେ କିମ୍ବା ସେହି ଗୋଷ୍ଠୀର ଜଣେ ସଦସ୍ୟଙ୍କ ପ୍ରତି ମଧ୍ୟ ହୋଇପାରେ । ଭାରତରେ ଜାତିଗତ, ଧର୍ମଭିତ୍ତିକ ଓ ଲିଙ୍ଗଭିତ୍ତିକ ପୂର୍ବାଗ୍ରହର ମାତ୍ରା ଟିକେ ଅଧିକ । ଏକ ପ୍ରାକୃତିକ ସତ୍ୟ ଭାବରେ ପୂର୍ବାଗ୍ରହ ଜାତିଭିତ୍ତିକ ପବିତ୍ରତା-ଅପବିତ୍ରତା, ଶ୍ରେଷ୍ଠତା- ହୀନତା ଆଦିର ପରିପ୍ରକାଶ କରେ । ସାମାଜିକୀକରଣ, ବୃତ୍ତି, ବିବାହ ନିୟମ ଏବଂ ଦୈନନ୍ଦିନ ପାରସ୍ପରିକ କ୍ରିୟା ମାଧ୍ୟମରେ, ପ୍ରଭାବଶାଳୀ ଓ ସାମାଜିକ ଭାବେ ଅବହେଳିତ ଜାତି ମଧ୍ୟରେ ସୀମା ନିର୍ଣ୍ଣୟ ହୁଏ । ପୂର୍ବାଗ୍ରହ ଦ୍ୱାରା ଜନ୍ମିତ ଏହି ବିଭାଜନ ସଂରଚିତ ଅସମାନତାର ପ୍ରତିଫଳନ- ଯେଉଁଠାରେ ପରିଚୟ, ମର୍ଯ୍ୟାଦା ଓ ସମ୍ବଳର ଉପଭୋଗ ଯୋଗ୍ୟତା ଦ୍ୱାରା ନୁହେଁ, ବରଂ ଜନ୍ମ ଭିତ୍ତିରେ ନିର୍ଣ୍ଣୟ କରାଯାଏ । ସେହିପରି ଧର୍ମ ସଂକ୍ରାନ୍ତ ପୂର୍ବାଗ୍ରହ ହେଉଛି ଆମ ସାମୂହିକ ବିଶ୍ୱାସରେ ବାଧକ । ଏଠାରେ ଜଣଙ୍କର ଧର୍ମ ଓ ସମ୍ପ୍ରଦାୟକୁ ଅନ୍ୟ ଧର୍ମ ତୁଳନାରେ ନୈତିକ ଭାବରେ ଶ୍ରେଷ୍ଠ ଭାବରେ ଗ୍ରହଣ କରାଯାଏ । ସାମାଜିକୀକରଣ, ସାମୂହିକ ସ୍ମୃତି, ଇତିହାସ ଓ ରାଜନୈତିକ ଗତିବିଧି ମାଧ୍ୟମରେ ଏହି ପାର୍ଥକ୍ୟଗୁଡ଼ିକ ଶକ୍ତ ଅବିଶ୍ୱାସରେ ପରିଣତ ହୁଏ । ପାଠକ ବନ୍ଧୁ ମନେ ରଖନ୍ତୁ, ପୂର୍ବାଗ୍ରହ ଦ୍ୱାରା ହୋଇଥିବା ଧର୍ମଭିତ୍ତିକ ବିଭାଜନ ଆଧ୍ୟାତ୍ମିକତା ବିଷୟରେ କମ୍ ବରଂ ପରିଚୟ, ଶକ୍ତି, କ୍ଷମତା ଓ ଗୋଷ୍ଠୀ ପ୍ରାଧାନ୍ୟର ସୁରକ୍ଷା ବିଷୟରେ ଅଧିକ । ଏହା ବ୍ୟତୀତ ମହିଳା ଓ ପୁରୁଷଙ୍କ ମଧ୍ୟରେ ଥିବା କ୍ଷମତା ଅସନ୍ତୁଳନ ପାଇଁ ଲିଙ୍ଗଗତ ପୂର୍ବାଗ୍ରହ ହିଁ ଦାୟୀ । ଏହା ମହିଳାଙ୍କ ସ୍ୱାୟତ୍ତତା, ଗତିଶୀଳତା ଓ ସ୍ୱରକୁ ସୀମିତ କରୁଛି । କେବଳ ଶାରୀରିକ ପାର୍ଥକ୍ୟକୁ ଲିଙ୍ଗଗତ ପୂର୍ବାଗ୍ରହ ଏକ ସଂରଚିତ ସାମାଜିକ ଅସମାନତାରେ ପରିଣତ କରିସାରିଛି । ଭାଷା, ବର୍ଣ୍ଣ, ସଂସ୍କୃତି, ଲିଙ୍ଗ ଓ ଶାରୀରିକ ଅକ୍ଷମତାକୁ ନେଇ ଗଢ଼ିଉଠିଥିବା ପୂର୍ବାଗ୍ରହ ସଂକ୍ରାନ୍ତ ତାଲିକା ଲମ୍ବା । ସାମାଜିକ ନ୍ୟାୟ ଓ ସହନଶୀଳତା ଭଳି କିଛି ଗୁରୁତ୍ୱପୂର୍ଣ୍ଣ ସାମାଜିକ ମାନଦଣ୍ଡକୁ ପୂର୍ବାଗ୍ରହ ଉଲ୍ଲଂଘନ କରେ ବୋଲି ଅଭିଯୋଗ ହୁଏ । କୁହାଯାଏ ପୂର୍ବାଗ୍ରହ ଦ୍ୱାରା ସମାଜରେ ସ୍ୱସ୍ଥ ଚିନ୍ତାଧାରା ଅଧିକ କ୍ଷତି ସହିଥାଏ । ଗୋଟିଏ ନକାରାତ୍ମକ ଘଟଣା କିମ୍ବା ଅଭିଜ୍ଞତାକୁ ଅତି ସାଧାରଣ ବୋଲି ଚିତ୍ରଣ କରିବା ଏବଂ ଏଭଳି ଘଟଣା ସର୍ବଦା ଘଟିବ ବୋଲି ସିଦ୍ଧାନ୍ତ ନେବା ଦ୍ୱାରା ଗୋଷ୍ଠୀ, ଜାତି ଓ ସମ୍ପ୍ରଦାୟ ମଧ୍ୟରେ ବିଭେଦ ଦେଖାଯାଉଛି । ଏହି ବିକୃତି ପାଇଁ ସାମ୍ପ୍ରତିକ ପରିସ୍ଥିତିରେ ସାମାଜିକ ଗଣମାଧ୍ୟମ ଅନେକାଂଶରେ ଦାୟୀ । କାରଣ ଏଠାରେ ଆମେ ସୀମିତ ପ୍ରମାଣକୁ ଆଧାର କରି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉପରେ ଏକ ସାଧାରଣ ଧାରଣା କରିନେଉଛେ । ପୂର୍ବାଗ୍ରହ ଆମକୁ ଅସହିଷ୍ଣୁ କରିପକାଏ । ଅନ୍ୟମାନଙ୍କୁ ବ୍ୟକ୍ତି ଭାବରେ ନୁହେଁ, ବରଂ ଏକ ଶତ୍ରୁ ଗୋଷ୍ଠୀର ସଦସ୍ୟ ଭାବେ ବିଚାର କରିବାକୁ ଆମକୁ ଏହା ବାଧ୍ୟ କରେ । ଏହି ଧାରଣାରେ ପଡ଼ି ଗୋଟିଏ ଗୋଷ୍ଠୀର ସଦସ୍ୟମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କର ହିଁ କେବଳ ନୈତିକତା କିମ୍ବା ଅଧିକାର ଅଛି । ତେଣୁ ଅନ୍ୟ ଗୋଷ୍ଠୀକୁ ଦିଆଯାଇଥିବା ଯେକୌଣସି ସୁବିଧାକୁ ସେମାନେ ଅଧିକାର ଭାବରେ ନୁହେଁ, ବରଂ ଉଦାରତା କିମ୍ବା ଅନୁଗ୍ରହ ଭାବରେ ଦେଖନ୍ତି । ଉଦାହରଣ ସ୍ୱରୂପ, ମହିଳାମାନଙ୍କର କର୍ମକ୍ଷେତ୍ରରେ ଅଂଶଗ୍ରହଣକୁ ଅନେକ ସମୟରେ ମହିଳାଙ୍କ ଅଧିକାର ନୁହେଁ ବରଂ ସେମାନଙ୍କ ସଶକ୍ତୀକରଣ ପାଇଁ ପୁରୁଷମାନଙ୍କ ଦ୍ୱାରା ପ୍ରଦତ୍ତ ଅନୁଗ୍ରହ ଭାବରେ ଦର୍ଶାଯାଇଥାଏ । ପୁଣି ଫେରିବା, ସେହି ବାଳକଙ୍କ ପ୍ରତିଯୋଗିତାକୁ ଯେଉଁଠି ସାଙ୍ଗ ପାଲଟିଥିଲା ଶତ୍ରୁ ଏବଂ ବିଶ୍ୱାସ ଅବିଶ୍ୱାସରେ ପରିଣତ ହୋଇଥିଲା । ତେବେ ଏହାର ସମାଧାନ କେମିତି ହେଲା ? ପକ୍ଷପାତ ଓ ପୂର୍ବାଗ୍ରହ କେମିତି ଦୂର ହେଲା ? ଗବେଷକମାନେ ଗୋଷ୍ଠୀମାନଙ୍କ ପାଇଁ ସମାନ ସମସ୍ୟା ସୃଷ୍ଟି କରିଥିଲେ । ଏକ ସମାନ ଲକ୍ଷ୍ୟ ଓ ସାମୂହିକ ପରିଶ୍ରମର ଧାରଣା ଥିଲା ଏହାର ସମାଧାନ । ଫଳାଫଳ ଥିଲା ଆଶ୍ଚର୍ଯ୍ୟଜନକ । ଏହା ଦ୍ୱାରା ଶତ୍ରୁତା ହ୍ରାସ ସହିତ ଗୋଷ୍ଠୀ ମଧ୍ୟରେ ସହଯୋଗ ଓ ବନ୍ଧୁତା ସୃଷ୍ଟି ହେଲା । ତେଣୁ ଆମ ସଭିଙ୍କ ସମାନ ଲକ୍ଷ୍ୟ ହିଁ 'ଆମେ' ଓ 'ସେମାନେ'ର ବିଭାଜନ ଦୂର କରିବ । ପୂର୍ବାଗ୍ରହରୁ ଜାତ ଏହି ବିଭାଜନ ମାନବିକତାର ବିଭାଜନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ନିରୁଦ୍ଦିଷ୍ଟ ଭଞ୍ଜପ୍ରଭା !

'ଭଞ୍ଜପ୍ରଭା' ନାଁଟି କେଉଁ ସୃଜନଶୀଳ ମନରୁ ସୃଷ୍ଟି ହୋଇଥିବ କେଜାଣି; କିନ୍ତୁ ସ୍ରଷ୍ଟାଙ୍କୁ ଅନେକ ଧନ୍ୟବାଦ ଏଇଥି ପାଇଁ ଯେ ଏକଦା ଏହା ସବୁ ରାଜଧାନୀବାସୀଙ୍କ ପାଇଁ ଏକ ଅତ୍ୟନ୍ତ ଲୋକପ୍ରିୟ ନାଁ ପାଲଟି ଯାଇଥିଲା । ନାଁଟିରୁ ମନେ ହେବ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ପ୍ରଭାରେ ଏହା କୌଣସି ଏକ ସାହିତ୍ୟିକ ସୃଷ୍ଟି; କିନ୍ତୁ ବାସ୍ତବରେ ଏହା ଥିଲା ଏକ ଅନୁଷ୍ଠାନର ନାମ, ଯାହା ନ ଥିଲା ସହିତ୍ୟିକ କିମ୍ବା ସାଂସ୍କୃତିକ ବରଂ ଥିଲା ବିପଣିଭିତ୍ତିକ ଏକ ବ୍ୟାବସାୟିକ ଅନୁଷ୍ଠାନ । ତିରିଶ ବର୍ଷରୁ ଅଧିକ ସମୟ ଧରି ଏକଦା ଏହା ରାଜଧାନୀର ଜନପଥର ଏକ ପାର୍ଶ୍ୱରେ ଶୋଭା ପାଉଥିଲା । କ'ଣ ଥିଲା ଏହାର ଶୋଭା ତେଲ, ଲୁଣ, ଚାଉଳ ଠାରୁ ଆରମ୍ଭ କରି ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ବିପଣି ମେଲି ଦେଇଥିବା ଏହି ଅନୁଷ୍ଠାନଟି ସାଧାରଣ ଲୋକଙ୍କର ସଂସାର ଏବଂ ସେହି କ୍ରମରେ ଜନଜୀବନ ସହିତ ଗଭୀର ଭାବରେ ଜଡ଼ିତ ହୋଇ ଯାଇଥିଲା, ଯାହା ସବୁବେଳେ ଶସ୍ତା, ସୁନ୍ଦର ଓ ମଜଭୁତ; ସେହି ଭଳି ଜିନିଷସବୁ ଯୋଗାଇ ଦେଉଥିଲା ଏହି ଅନୁଷ୍ଠାନଟି । ସେଠାରେ ମିଳୁଥିଲା ଜନତା କପଡ଼ା, ଯାହା ଓଡ଼ିଶା ଟେକ୍ସଟାଇଲ୍ ମିଲ୍ ବା 'ଓଟିଏମ୍'ରୁ ପ୍ରସ୍ତୁତ ହୋଇ ସାରା ରାଜ୍ୟରେ ଲୋକପ୍ରିୟ ହୋଇଥିଲା । ଜନତା କପଡ଼ା କଥା ଏବେ ବି ଅନେକ ପ୍ରୌଢ଼ ବା ତଦୂର୍ଦ୍ଧ୍ୱ ବୟସ୍କଙ୍କ ହେଜରେ ଥିବ । ଖାଣ୍ଟି ସୋରିଷ ତେଲ ଠାରୁ ଆରମ୍ଭ କରି ଡାଲି, ଚାଉଳ ସହିତ ବିଭିନ୍ନ ପ୍ରକାର ଖାଣ୍ଟି ଜିନିଷ ମିଳୁଥିଲା ଭଞ୍ଜପ୍ରଭାରେ; ସତ କହିଲେ ଏହା ଥିଲା ସେ ସମୟର ଏକ ବଡ଼ ମଲ୍ ବା ସୁପରମାର୍କେଟ୍ ? । ସମବାୟ ପରିଚାଳନାରେ ଚାଲୁଥିବା ଭଞ୍ଜପ୍ରଭା ଥିଲା ବର୍ତ୍ତମାନ ମଲ୍‌ମାନଙ୍କର ଏକ ଅଗ୍ରଦୂତ । କେବଳ ତହିଁରେ ନ ଥିଲା ଏବର ମଲ୍‌ଗୁଡ଼ିକ ଭଳି ଚାକଚକ୍ୟ, ବାତାନୁକୂଳିତ ବାତାବରଣ କିମ୍ବା ଖାଇବା ପାଇଁ 'ଫୁଡ୍ କୋର୍ଟ' ବା ରେସ୍ତୋରାଁ । ହଠାତ୍ କେଉଁଆଡ଼େ ନିରୁଦ୍ଦିଷ୍ଟ ହୋଇଗଲା ଭଞ୍ଜପ୍ରଭା ! ପରେ ଜଣାପଡ଼ିଲା ଯେ ଯେଉଁ ଘରେ ଭଡ଼ା ସୂତ୍ରରେ ଅନୁଷ୍ଠାନଟି ଚାଲିଥିଲା, ତାକୁ ଖାଲି କରିବା ଲାଗି ମାଲିକ ନୋଟିସ୍ ଦେଲେ । ଏ ନେଇ ଏକ ମାମଲା କୁଆଡ଼େ ଅଦାଲତକୁ ବି ଯାଇଥିଲା । ପରବର୍ତ୍ତୀ କାଳରେ କିନ୍ତୁ ଦେଖାଗଲା ଯେ ଭଞ୍ଜପ୍ରଭା ସେଠାରୁ ଅପସରି ଯାଇଛି । ଆଦିତ୍ୟ ବାବୁ ନିଜର ମାସିକିଆ ତେଜରାତି ଜିନିଷ ନିୟମିତ ଭଞ୍ଜପ୍ରଭାରୁ ହିଁ ଆଣୁଥିଲେ ଏବଂ ସେହି କ୍ରମରେ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସହିତ ତାଙ୍କର ଆତ୍ମୀୟତା ବଢ଼ିଥିଲା । ଘର ଖାଲି କରିବା ପାଇଁ ଆକସ୍ମିକ ନୋଟିସ୍, ବିଭାଗର ଚରମ ଅବହେଳା ଓ କାର୍ଯ୍ୟରତ କର୍ମଚାରୀଙ୍କ ବିପନ୍ନ ଭବିଷ୍ୟତ୍ ବିଷୟରେ କର୍ମଚାରୀଙ୍କ ଠାରୁ ଜାଣିବା ପରେ ପରେ ସେ ବିବ୍ରତ ହୋଇ ଉଠିଥିଲେ ଏବଂ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ମନ ବଳାଇ ପଡ଼ୋଶୀ ବନ୍ଧୁଙ୍କୁ ଜଣାଇଲେ । ପଡ଼ୋଶୀ ବନ୍ଧୁ ଜଣକ ଥିଲେ ତତ୍କାଳୀନ ସମବାୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ । ଘଟଣାଟି ସଂପୂର୍ଣ୍ଣ ଜାଣିଲା ପରେ ଏହି ଅନୁଷ୍ଠାନଟି ସେହି ଜାଗାରେ ସଂପୂର୍ଣ୍ଣ ସୁରକ୍ଷିତ ରହିବ ଏବଂ କେହି ଅନୁଷ୍ଠାନଟିକୁ ଉଠେଇ ପାରିବେ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲେ । ଆଦିତ୍ୟ ବାବୁଙ୍କ ଠାରୁ ଏ କଥା ଶୁଣି କର୍ମଚାରୀମାନେ ମଧ୍ୟ କିଞ୍ଚିତ ଆଶ୍ୱସ୍ତ ହେଲେ । କିନ୍ତୁ କିଛି ଦିନ ପରେ ନିରୁଦ୍ଦିଷ୍ଟ ହୋଇଗଲା 'ଭଞ୍ଜପ୍ରଭା' ! କ୍ରମେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖୋଲିଥିବା ଏହାର ଶାଖାପ୍ରଶାଖାଗୁଡ଼ିକ ମଧ୍ୟ ଅଦିନରେ ମଉଳିଗଲା । ସାଧାରଣ ଲୋକଙ୍କ ସକାଶେ ଥିବା ସେହି ଶସ୍ତା, ସୁନ୍ଦର, ମଜଭୁତ 'ମଲ୍' ଜାଗାରେ ଏବେ ଝୁଲୁଛି କୌଣସି ଏକ ନାମକରା କଂପାନିର ଫଳକ । ସତେ କ'ଣ କେହି ଜଣେ ନିରୁଦ୍ଦିଷ୍ଟ 'ଭଞ୍ଜପ୍ରଭା'କୁ ଖୋଜି ଆଣି ପୁନଃ ଅବସ୍ଥାପିତ କରିପାରିବ !

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**

Mobile : 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

CITY OFFICE: B/204, SECTOR-16, ROURKELA, Pin :769003

ଆନ୍ତଃରାଜ୍ୟ ଚେନ୍ ଛିନତାଇ ରାକେଟ ଠାବ: ୬ ଗିରଫ

ସମ୍ବଲପୁର,୬/୩(ନି/ପ୍ର) : ମା' ସମଲେଶ୍ୱରୀଙ୍କ ମନ୍ଦିର ନିକଟ ସମଲେଶ୍ୱରୀ ଘାଟରେ ଘଟିଥିବା ଚେନ୍ ଛିନତାଇ ଘଟଣାରେ ସମ୍ପୃକ୍ତ ଥିବା ଏକ ଆନ୍ତଃରାଜ୍ୟ ମହିଳା ଲୁଟେରା ଗ୍ୟାଙ୍ଗକୁ ସମ୍ବଲପୁର ପୋଲିସ ଧରିବାରେ ସଫଳ ହୋଇଛି । ଏହି ଘଟଣାରେ ୬ ଜଣ ମହିଳାଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ପାଖରୁ ସୁନା, ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ଗତ ୨୨ ଜାନୁଆରୀ ସନ୍ଧ୍ୟା ପ୍ରାୟ ୬.୩୦ ବେଳେ ସମଲେଶ୍ୱରୀ ଘାଟ ନିକଟରେ ଚାଲୁଥିବା ଏକ ଧାର୍ମିକ କାର୍ଯ୍ୟକ୍ରମ ସମୟରେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତମାନେ ଚାରି ଜଣ ମହିଳା ଭକ୍ତଙ୍କ ଠାରୁ ୫ଟି ସୁନା ଚେନ୍ ଛିନତାଇ କରିଥିଲେ । ଏନେଇ କ୍ଷେତରାଜପୁର ଥାନାରେ ମାମଲା ରୁଜୁ ହେବା ସହ ପୋଲିସ ଏହାର ତଦନ୍ତକୁ ମାତ୍ରାଧିକ ଗୁରୁତ୍ୱ ଦେଇଥିଲା । ଏହି ଲୁଟ୍ ଘଟଣା ପରେ ସମ୍ବଲପୁର ଏସପିଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ପୋଲିସ ଟିମ୍ ସିସିଟିଭି ଫୁଟେଜ ଓ ବିଭିନ୍ନ ଫଟୋ ବିଶ୍ଳେଷଣ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା । ପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସହିତ ବିଭିନ୍ନ ସ୍ଥାନରେ ତଦନ୍ତ ଚଳାଇ ଗତ ମାର୍ଚ୍ଚ ୪ ତାରିଖରେ ଭୁବନେଶ୍ୱରରୁ ସେମାନଙ୍କୁ ଧରିଥିଲା । ଗିରଫ ମହିଳାମାନଙ୍କ ମଧ୍ୟରେ ଜି. ଭାନୁମତୀ ଅଲିଆସ ଗାୟତ୍ରୀ ନାୟକ ଅଲିଆସ କବିତା, ଦୀପା ଦାସ, କଲ୍ୟାଣୀ ଦାସ, ପ୍ରିୟା ଦାସ, ଏସ୍. ଥାରା ଓ ପୂଜା ସିଂହ । ସେମାନେ ନିଜ ପରିଚୟ ଲୁଚାଇବା ପାଇଁ ଜାଲି ନାମ ଓ ଠିକଣା ବ୍ୟବହାର କରି ଭୋଟର ଆଇଡି କାର୍ଡ ପ୍ରସ୍ତୁତ କରିଥିବା ମଧ୍ୟ ପୋଲିସର ତଦନ୍ତରେ ଜଣାପଡ଼ିଛି । ପୋଲିସ ସେମାନଙ୍କ ପାଖରୁ ୫୧.୭୫ ଗ୍ରାମ ଗଳିତ ସୁନା ପ୍ଲେଟ, ୬୨,୪୦୦ ଟଙ୍କା ନଗଦ, ୩ଟି ମୋବାଇଲ ଫୋନ, ଗୋଟିଏ ଚେନ୍ କଟର, ଜାଲି ଭୋଟର ଆଇଡି କାର୍ଡ, ବିଭିନ୍ନ ପଥର, ଫ୍ୟାନ୍ସି କାନ ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ପୋଲିସ କହିଛି ଯେ, ଏହି ଗ୍ୟାଙ୍ଗ ପଛଲା ପ୍ରାୟ ୧୨ ବର୍ଷ ଧରି ଓଡ଼ିଶା ସହିତ ପଶ୍ଚିମବଙ୍ଗ ଓ ଝାରଖଣ୍ଡର ବିଭିନ୍ନ ଜିଲ୍ଲାରେ ଚେନ୍ ଛିନତାଇ କରୁଥିଲେ । ବଡ଼ ବଡ଼ ଧାର୍ମିକ ଉତ୍ସବ ଓ ମେଳାମାନଙ୍କୁ ଲକ୍ଷ୍ୟ କରି ସେମାନେ ଏହି ଅପରାଧ କରୁଥିବା କଥା ତଦନ୍ତରେ ସାମ୍ନାକୁ ଆସିଛି । ଏହି ଘଟଣାରେ କ୍ଷେତରାଜପୁର ଥାନାରେ ରୁଜୁ ହୋଇଥିବା ମାମଲାରେ ସମସ୍ତଙ୍କୁ ଗିରଫ କରାଯିବା ସହ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

ସମ୍ବଲପୁର ପ୍ରେସକ୍ଲବର ନବ ନିର୍ବାଚିତ କର୍ମକର୍ତାଙ୍କ ଦାୟିତ୍ୱ ଗ୍ରହଣ

ସମ୍ବଲପୁର,୬/୩(ନି/ପ୍ର): ସମ୍ବଲପୁର ପ୍ରେସ କ୍ଲବର ନବ ନିର୍ବାଚିତ ସମସ୍ତ କର୍ମକର୍ତା ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମକର୍ତାମାନେ ଆଗାମୀ ଦୁଇ ବର୍ଷ ପାଇଁ ସଦସ୍ୟ ଏବଂ କ୍ଲବର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏଥିସହ କ୍ଲବ ପରିସରରେ ଆଜିର ବୈଠକ ସମ୍ବଲପୁର ପ୍ରେସ କ୍ଲବ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପରିଚାଳନା କମିଟିରେ ଖାଲି ରହିଥିବା ଦୁଇଟି ସଦସ୍ୟ ପଦବୀ ପାଇଁ ବାଦଶାହ ଜୁସମନ କୁମାର ରଣା ଏବଂ ଶ୍ରବଣ ପତିଙ୍କୁ ସଦସ୍ୟ ଭାବେ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ଜିଲ୍ଲାର ସମସ୍ତ ଖବରଦାତାଙ୍କ ମଧ୍ୟରେ ଉତମ ସମନ୍ୱୟ ନିମନ୍ତେ ଆସନ୍ତା ମାର୍ଚ୍ଚ ୮ ତାରିଖରେ ସମ୍ବଲପୁର ପ୍ରେସ କ୍ଲବ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବା ସମ୍ପର୍କରେ ପରିଚାଳନା କମିଟି ପକ୍ଷରୁ ସ୍ଥିର କରାଯାଇଛି । ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ଥିବାରୁ ଏହି ଅବସରରେ ସମ୍ବଲପୁରରେ କାର୍ଯ୍ୟ କରୁଥିବା ମହିଳା ଖବରଦାତା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏଥିସହ ସହରରେ କ୍ରମ ବର୍ଦ୍ଧିଷ୍ଣୁତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବଲପୁର ପ୍ରେସ କ୍ଲବ ପରିସରରେ ୨ ଶହ ସିଟ୍ ବିଶିଷ୍ଟ ଏକ ସମ୍ମିଳନୀ କକ୍ଷ ନିର୍ମାଣ କରାଯିବା ନେଇ ଆଲୋଚନା କରାଯାଇଥିଲା । ଏହାପରେ ନବ ନିର୍ବାଚିତ କର୍ମକର୍ତାମାନେ ସମ୍ବଲପୁର ଏସପିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଆଜିର ଆହୁତ ବୈଠକରେ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସମେତ ଦୁଇ ଉପସଭାପତି ନରେଶ ଚନ୍ଦ୍ର ସେଠ, ବୀରାଜ କୁମାର ମିଶ୍ର, ସାଧାରଣ ସମ୍ପାଦକ ଭବାନୀଶଙ୍କର ଭୋଇ, ଦୁଇ ଯୁଗ୍ମ ସମ୍ପାଦକ ଅମଲେନ୍ଦୁ ନାୟକ ଏବଂ ଅନିଲ ଶ୍ରୀରାମକା, କୋଷାଧ୍ୟକ୍ଷ ସୁବ୍ରତ କୁମାର ମିଶ୍ର, ସଦସ୍ୟ ଦେବେନ୍ଦ୍ର କୁମାର ମିଶ୍ର, ଜସବୀର ସିଂହ, ଶ୍ରବଣ କୁମାର ପତି ଏବଂ ବାଦସାହା ଜୁସମନ୍ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

ଡାକ୍ତର ସରୋଜକାନ୍ତ କାନୁନଗୋଙ୍କ ଶ୍ରାଦ୍ଧୋତ୍ସବ

କେନ୍ଦ୍ରାପଡା,୬/୩: କେନ୍ଦ୍ରାପଡାର ଜଣାଶୁଣା ସମାଜସେବୀ ତଥା ଡାକ୍ତର ପୂର୍ବତନ ବିଧାୟକ ଡକ୍ଟର ସରୋଜକାନ୍ତ କାନୁନଗୋଙ୍କ ୩୮ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ପୂର୍ବତନ ବିଧାୟକଚିନ୍ମୟ ପ୍ରସାଦ ବେହୁରା, ଡକ୍ଟର ଚୈତନ୍ୟଚରଣ ପରିଡା, ଡକ୍ଟର ବାସୁଦେବ ଦାସ, ପ୍ରାଧ୍ୟାପକ ଅଜୟ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ କାନୁନଗୋଙ୍କର ଜୀବନ, ଆଦର୍ଶ ଓ ଲୋକସେବାଉପରେ ଆଲୋକପାତ କରିଥିଲେ ।ସ୍ୱର୍ଗତଃ କାନୁନଗୋ ଜୀବନସାରା ଲୋକଙ୍କର ସେବା ମନୋବୃତିକୁ ଅତିଥିମାନେ ପ୍ରଶଂସା କରିଥିଲେ ।

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ

ସମ୍ବଲପୁର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ

ଝାରସୁଗୁଡା, ୬/୩(ନି/ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡିଶା ର ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ଝାରସୁଗୁଡା ବିଜେଡି ତରଫରୁ ଗୁରୁବାର ପୂର୍ବାହ୍ନ ୧୦ଟା ରେ ବଡ଼ମାଳ ବିଜୁ ପଟ୍ଟନାୟକ ଛକ ଠାରେ ପାଳନ ହୋଇଯାଇଛି । ବଡ଼ମାଳ ଛକ ରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ଜିଲ୍ଲା ବିଜେଡିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀକୁ ସ୍ମରଣ କରିଥିଲେ । ଉପସ୍ଥିତ ବିଜେଡି କର୍ମକର୍ତା ମାନେ ବିଜୁ ବାବୁଙ୍କ ସ୍ତୁତି ଚାରଣ କରିବା ସହିତ ଓଡିଶା ମାଟିର ସୁଯୋଗ୍ୟ ସନ୍ତାନ, କଳିଙ୍ଗ ବୀର, ବିଜୁ ବାବୁ ସବୁବେଳେ ଓଡ଼ିଶା ସହିତ ସାରା ବିଶ୍ୱ ର ଜଣେ ଅଦ୍ୱିତୀୟ ନେତା ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ,ପୂର୍ବତନ ଜିଲ୍ଲା ସଭାପତି ରବି ସିଂ, ଉପସଭାପତି ଅଶୋକ ଦାସ, ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୁଭାଶିଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ପଓ୍ୱନ୍ ସିଂ ଯାଦବ ପଓ୍ୱନ୍ ଶର୍ମା, ଭବାନୀ ସାହା, କାହ୍ନା ପୋଢ଼ , କୁଶ ସେହ୍ଗଲ୍, ସତନ୍ତ ଶର୍ମା, ଥବିର ମିଶ୍ର, ସୁବାସ କେଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

ଅସମ୍ପୂର୍ଣ୍ଣ ପ୍ରକଳ୍ପର ସୁଯୋଗ ନେଇ ହାତୀସରା ପଚାଂୟତରେ ଚାଲିଛି ପାଣି ବ୍ୟବସାୟ

ଦେଓଗାଁ,୬/୩(ନି/ପ୍ର) : ଦେଓଗାଁ ବ୍ଲକ ହାତୀସରା ପଚାଂୟତ ମାତ୍ର ୨ଗାଁ । ଗୋଟିଏ ପଡ଼ା ଦାବଲିକାନୀ । ଦାବଲିକାନୀକୁ ଗଭୀର ନଳକୂପରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ମାତ୍ର ୫ ବର୍ଷରେ ଅନୁଦାନ ଦିଆ ଯାଇଛି ଲକ୍ଷ ଲକ୍ଷ ଟଙ୍କା ହେଲେ କାମ ଅସମ୍ପୂର୍ଣ୍ଣ ଯୋଗୁଁ ପାନୀୟ ଜଳ ନ ଯୋଗାଇ ଅତି ଚତୁରତା ସହ ସରପଚଂଙ୍କ ଅତି ନିକଟ ସମ୍ପର୍କୀୟଙ୍କ ଟ୍ୟାଙ୍କର ଯୋଗେ ପାଣି ପରିବହନ କରି ମାସିକ ହଜାର ହଜାର ଟଙ୍କାର ବିଲ୍ ଭାଉଚର କରୁଥିବା ଅଭିଯୋଗ ହେଉଛି । ପଚାଂୟତ କର୍ତୃପକ୍ଷଙ୍କ ଏପରି ମନୋଭାବକୁ ନାପସନ୍ଦ କରୁଛନ୍ତି ହାତୀସରା ଗାଁର ଲୋକମାନେ । ହାତୀସରା ଗାଁର ଲୋକମାନେ ଅଭିଯୋଗ କରିଛନ୍ତି ଯେ, ପାନୀୟ ଜଳ ଯୋଗାଇବା ନିହାତି ଆବଶ୍ୟକ ହେଲେ ପଚାଂୟତ କର୍ତୃପକ୍ଷ ପାଣି ବ୍ୟବସାୟ କରିବା ଠିକ ନୁହେଁ । ହାତୀସରା ପଚାଂୟତର ଦାବିଲିକାନୀକୁ ଗଭୀର ନଳକୂପରୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନାରୁ ଟଙ୍କା ଆସି କାମ ହୋଇ ଅଧାପନ୍ତରିଆ ହୋଇପଡ଼ିଛି । ପଚାଂୟତ କର୍ତୃପକ୍ଷଙ୍କ ପାଣି ବ୍ୟବସାୟ ଯୋଗୁଁ କାମ ଆଗେଇ ପାରୁନାହିଁ । ଯାହା ଫଳରେ ୧୫ ଏସଏଫସିର ୩ ଲକ୍ଷ, ବିଜୁ କେବିକେର ୫ ଲକ୍ଷ, ପଶ୍ଚିମ ଓଡିଶା ବିକାଶ ପରିଷଦର ୫ ଲକ୍ଷ ଓ ଅନ୍ୟ ଏକ ଯୋଜନାରୁ ଆସିଥିବା ୭ ଲକ୍ଷ ଟଙ୍କାର କାମ ସମ୍ପୂର୍ଣ୍ଣ ନ ହୋଇ ପଡି ରହିଥିବା ଅଭିଯୋଗରେ କହୁଛନ୍ତି । ହାତୀସରା ସୋନଗଡ଼ ନଦୀ କୂଳରେ ଥିବା ପାଣିଟାଙ୍କିରୁ ପ୍ରତି ଦୁଇ ଦିନରେ ଥରେ ଦାବଲିକାନୀକୁପାଣିଯୋଗାଇବା ନାମରେ ଟ୍ୟାଙ୍କର ପ୍ରତି ୧୧ଶହ ଟଙ୍କା ଖର୍ଚ୍ଚ ହେଉଥିବା ଜଣାପଡ଼ିବା ପରେ ହାତୀସରା ପଚାଂୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ପ୍ରତି ଦୁଇ ଦିନରେ ଥରେ ଦାବଲିକାନୀ ଗାଁକୁ ପାଣି ଯୋଗାଇ ଦିଆଯାଉଛି । ଏଥିପାଇଁ ବାର୍ଷିକ ପ୍ରାୟ ଦୁଇ ଲକ୍ଷ ଟଙ୍କା ବିଲ କରାଯାଉଛି । ଅନ୍ୟପକ୍ଷରେ ଟ୍ୟାଙ୍କର ଯୋଗେ ଆସୁଥିବା ପାଣି ବି ପିଇବା ଉପଯୋଗୀ ନୁହେଁ । ନିୟମିତ ଟ୍ୟାଙ୍କର ସଫା ରହୁ ନ ଥିବାରୁ ଏହି ପାଣି ଗନ୍ଧ ହେଉଛି ।

ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ସାମ୍ବାଦିକ ସମ୍ମିଳନୀ

ବଲାଙ୍ଗିର,୬/୩(ନି/ପ୍ର) : ଆସନ୍ତା ୮ ମାର୍ଚ୍ଚ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ବୈଠକ ଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ, ନେହରୁ ଯୁବ କେନ୍ଦ୍ର ସଂଘଠନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ତା.୦୬.୦୩.୨୦୨୬ରିଖ ସକାଳ ୬.୩୦ରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ସମୂହ ଯୋଗ ଶିବିର ଅନୁଷ୍ଠିତ ହେବ । ୦୭.୦୩.୨୦୨୬ ତାରିଖ ସକାଳ ୬.୩୦ରେ ସେହି ସ୍ଥାନରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ । ୦୮.୦୩.୨୦୨୬ ତାରିଖ ସକାଳ ୬.୩୦ରୁ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରୁ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ୱକାଥନ ଆୟୋଜିତ ହେବ । ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବିଭିନ୍ନ ଖେଳ ପ୍ରତିଯୋଗିତାରେ ବିଜୟୀଙ୍କୁ ପୁରସ୍କୃତ କରାଯିବ । ସେହିଭଳି ୮ ମାର୍ଚ୍ଚ ତାରିଖରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଭୀମଭୋଇ ମେଡିକାଲ କଲେଜର ଅଡିଟୋରିୟମ ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ସେଥିରେ ସୁଭଦ୍ରା ହିତାଧିକାରୀଙ୍କୁ ଚତୁର୍ଥ କିସ୍ତିର ଅର୍ଥ ପ୍ରଦାନ କରାଯିବ । ଉକ୍ତ କାର୍ଯ୍ୟକ୍ରମରେ ପିଆରଆଇ ମେମ୍ବର, ସୁଭଦ୍ରା ହିତାଧିକାରୀ, ଏସଏଚଜି ମା, କିଶୋରୀ ବାଳିକା, ବଲାଙ୍ଗିର ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ସାମିଲ ହେବେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀଙ୍କୁ ପୁରସ୍କୃତ କରାଯିବ । ଏହା ସହିତ, ସ୍ୱକ୍ଷେତ୍ରରେ ସର୍ବୋତମ ପ୍ରଦର୍ଶନ କରିଥିବା ଶିଶୁ ବିକାଶ ପ୍ରକଳ୍ପ

ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପାଇଲେ ଶିକ୍ଷୟିତ୍ରୀ

ଜୟପୁର, ୬/୩(ନି/ପ୍ର) :ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ କୁନ୍ଦାରିଗୁଡା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶ୍ରୀମତି ସୁପ୍ରଭା ପାଢି ଓ ନୁଆ ଗୁଡା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶ୍ରୀମତୀ କଳ୍ପନା ପଣ୍ଡା ତା ୨୮.୦୨.୨୦୨୬ ରେ ଅବସର ଗ୍ରହଣ କରିଥିଲେ କ୍ଷଉକ୍ତ ୨ ଜଣ ଶିକ୍ଷୟିତ୍ରୀଙ୍କର ଅବସର ଗ୍ରହଣ ପୂର୍ବରୁ ସରକାର ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର କରିଥିଲେ କ୍ଷ ସରକାରଙ୍କ ଆଦେଶ ମୁତାବକ ଅବସର ଗ୍ରହଣ ଦିନ ପୁର୍ଣାଙ୍ଗ ପେନସନ୍ ପ୍ରଦାନ କରିବା ନିୟମ ଶତ ପ୍ରତିଶତ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହେବା ନେଇ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସି ବ୍ୟକ୍ତ କରିଥିଲେ କ୍ଷଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଉକ୍ତ ୨ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଙ୍କୁ ପୁର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର ଆଦେଶ ଦେବା ସହିତ ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି କ୍ଷଉକ୍ତ ଅବସରକାଳିନ ସମ୍ବର୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଚନ୍ଦନ କୁମାର ନାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ନାରାୟଣ ପାଢି ବିଭାଗୀୟ ଅଧିକାରୀ ଓ ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ ମଚାଂସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ କ୍ଷ ଏଥି ପୂର୍ବରୁ ମଧ୍ୟ କିଛି ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ କରାଯାଇଥିବା ବରିଷ୍ଠ ସହାୟକ ଶ୍ରୀ ଶଶୀଭୂଷଣ ଦାଶ୍ ସୂଚନା ଦେଇଥିଲେ କ୍ଷଏତଦ୍ ବ୍ୟତୀତ ସଭାପତି ଦେବି ପ୍ରସାଦ ଦାଶ୍, ସମ୍ପାଦକ ପ୍ରଦିପ କୁମାର ମିଶ୍ର, ଉପସଭାପତି ଶ୍ରୀମତୀ ମମତା ମହାପାତ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲେଇ, ବରିଷ୍ଠ ଶିକ୍ଷକ ଜଗନ୍ନାଥ ମିଶ୍ର, କିରଣ ମହାରଣା, ଜ୍ୟୋତି ପଣ୍ଡା, ମନୋଜ କୁମାର ପଟ୍ଟନାୟକ, ଓ ହିସାବ ରକ୍ଷିକା ଶ୍ରୀମତୀ ସୁନିତା ନାୟକ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ ମନୋରଞ୍ଜନ ପଲେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ୟୁଜିସି ଆଇନ ସମର୍ଥନରେ ଜିଲ୍ଲା ଓବିସି ଏସଟି ଏସସି ମଂଚର ଗଣଧାରଣା ଓ ବିକ୍ଷୋଭ

ବଲାଙ୍ଗିର,୬/୩(ନି/ପ୍ର) :ବଲାଙ୍ଗୀର ଜିଲ୍ଲା ଓବିସି ଏସ୍ ଟି ଏସ୍ ସି ମଂଚ ତଥା ଅନେକ ଗୁଡ଼ିଏ ମୂଳନିବାସୀ ସଂଗଠନ ମାନେ ରାଜ୍ୟ ଓବିସି ମଂଚର ସଭାପତି ତଥା ଓବିସି ଏସ୍ ଟି ଏସ୍ ସି ମିଳିତ ମଂଚର ଆବାହକ ଶଙ୍କର ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଜନସଂଖ୍ୟାର ଏକ ବିଶାଳ ଶୋଭାଯାତ୍ରାରେ କୋଶଳ କଳାମଣ୍ଡଳ ପଡିଆ ଠାରୁ ବାହାରି ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୟୁଜିସି ଆଇନ ୨୦୨୬ କୁ ସମର୍ଥନ ଜଣାଇ ବିଭିନ୍ନ ବକ୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ ୟୁଜିସି ଆଇନକୁ ୨୯ ଜାନୁଆରୀ ୨୦୨୬ ଦିନ ସୁପ୍ରିମକୋର୍ଟର ରହିତାଦେଶ ଦୁର୍ଭାଗ୍ୟଜନକ ବୋଲି ବକ୍ତା ମାନେ ନିଜର ବକ୍ତବ୍ୟରେ କହିଥିଲେ । ଏହି ଆଇନକୁ ଆହୁରି କଡାକଡି କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ଓ ଜନଗଣନା ୨୦୨୭ ରେ ଜନଗଣନା ଫର୍ମ ର ୧୨ ନମ୍ବର ପ୍ରଶ୍ନରେ ଏସଟି,ଏସସି ଅନ୍ୟାନ୍ୟ ସହିତ ସ୍ୱତନ୍ତ୍ର ଭାବେ ଓବିସିଙ୍କ ତଥ୍ୟ ସଂଗ୍ରହ କରିବାକୁ ଜିଲ୍ଲାପାଳ ବଲାଙ୍ଗୀରଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କୁ ମେମୋରେଣ୍ଡମ ପ୍ରଦାନ କରାଯାଇଥିଲା । ୟୁଜିସି ଆଇନ ୨୦୨୬କୁ ସମର୍ଥନ ଜଣାଇ ଜନଗଣନା ୨୦୨୭ରେ ଓବିସିଙ୍କୁ ସ୍ୱତନ୍ତ୍ର ଭାବେ ସାମିଲ କରି ତଥ୍ୟ ସଂଗ୍ରହ କରିବା ଦାବି କରି ଆଦିବାସୀ ନେତା ସତ୍ୟନାରାୟଣ ଭୋଇ, ଓବିସି କୃଷକ ନେତା ଯତୀ ପ୍ରଧାନ, ରାଜ୍ୟ ଓବିସି ମଂଚ କୋଷାଧ୍ୟକ୍ଷ ପ୍ରଦେଶୀ ବିଶ୍ୱାଳ, ରାସ ବିହାରୀ ମାଝୀ, ନିକେଶ କୁମ୍ଭାର (ଭିମ ଆର୍ମି), ଅଚ୍ୟୁତ କୁମ୍ଭାର (ଭିମ ଆର୍ମି), ବିଶିଷ୍ଟ ଦଳିତ ନେତା ପାଣ୍ଡବ କୁମ୍ଭାର, ବରିଷ୍ଠ ଓକିଲ, ଦିନେଶ ନାଗ, ଟଙ୍କଧର ଗଡତ୍ୟା, ବେଲାର ସିଂ ଭୋଇ ସଭାପତି କୁଲୁତା ସମାଜ ବଲାଙ୍ଗୀର, ଶଙ୍କର୍ଷଣ ପ୍ରଧାନ କୁଲତା ସମାଜ ବଲାଙ୍ଗୀର ପୌରାଚଂଳ, ମନୋରଞ୍ଜନ ସାହୁ ମଧୁବଶ୍ୟ ସମାଜ ବଲାଙ୍ଗୀର ଉମା ସାହୁ ତେଲି ସମାଜ ବଲାଙ୍ଗୀର, ଗଙ୍ଗାଧର ଖମାରୀ ସଭାପତି ଡୁମାଲ ସମାଜ ସୋନପୁର,ଆନନ୍ଦ ପଧାନ ଓବିସି ମଂଚ ଆଗଲପୁର ବ୍ଲକ, ବାଳକୃଷ୍ଣ ଷାଣ୍ଡ ଏନ୍ ଏ ପି ଏମ୍ ବଲାଙ୍ଗୀର, ଅଜୟ ବାରିକ, ବାମସେଫ, କୌଶଲ୍ୟା କୁମ୍ଭାର ସାବିତ୍ରୀ ବାଇ ଫୁଲେ ମହାସଂଘ, ସୁବାସିନୀ ସାହୁ, ପୂର୍ଣଚନ୍ଦ୍ର ବିଶ୍ୱାଳ, ସରୋଜ କୁମାର ମେଶ୍ରା ସଂଯୋଜକ ଓବିସି ମଂଚ ଓଡ଼ିଶା, ବିରେନ୍ଦ୍ର ରାୟ, ନଟରାଜ ନାଗ,ଦଣ୍ଡୁଆ କୁମାର, ଲଳିତ ମହାନନ୍ଦ, ରମାକାନ୍ତ ରାବଣ ଭିମ ଆର୍ମି, ରାଜେନ୍ଦ୍ର ବଘାର, ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ବଲାଙ୍ଗୀର ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଶତାଧିକ ଓବିସି ଏସ୍ ଟି ଏସ୍ ସି ଏବଂ ବିଭିନ୍ନ ସଂଗଠନର କର୍ମକର୍ତା ଦଳ ମତ ନିର୍ବିଶେଷରେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଯୋଗଦାନ କରିଥିଲେ ।

ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ବିଜୁ ପଟ୍ଟନାୟକ ଜୟନ୍ତୀ

ରାଉରକେଲା,୬/୩(ନି/ପ୍ର): ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଙ୍କ ମିଳିତ ଆନୁକୂଲ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ୧୧୦ ତମ ଜୟନ୍ତୀ ଓ ସାଂସ୍କୃତିକ ମହୋତ୍ସବ ୨୦୨୬ ଅନୁଷ୍ଠାନର ସଂପାଦକ ଅରୁଣ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଇ ଡି ଏଲ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ପ୍ରଶାସନିକ ସେବା ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ, ସୁନ୍ଦରଗଡ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଆଇ ଡି ଏଲ ଶିକ୍ଷ ସମ୍ପର ବିଭାଗର ମୁଖ୍ୟ ରଞ୍ଜନ କୁମାର ମହାନ୍ତି, ମାନବିକତାର ଅଧକ୍ଷ ପ୍ରଶାନ୍ତ ସେଠି,ଡ଼ା ଫକୀର ଚରଣ ହୋତା ଓ ଡ଼ା ବିଷ୍ଣୁପ୍ରିୟା ଦେଇ ଯଥାକ୍ରମେ ମୁଖ୍ୟ ଅତିଥି ମୁଖ୍ୟ ବକ୍ତା ସମ୍ମାନିତ ଅଥିତି ଓ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ବିଜୁ ବାବୁଙ୍କର କର୍ମମୟ ଜୀବନ ସ୍ୱାଧୀନତା ସଂଗ୍ରାମ ରାଜନୈତିକ ଚିନ୍ତାଧାରା ସମାଜସେବା ସର୍ବୋପରି ନବ ଓଡ଼ିଶା ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଆଜିର ଯୁବ ଓ ଛାତ୍ର ସମାଜ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ବକ୍ତା ମାନେ ଆହ୍ୱାନ ଦେଇଥିଲେ ।ଏହି ଉପଲକ୍ଷେ ସ୍ଥାନୀୟ କଳାକାର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଚିତ୍ରାଙ୍କନ ସଙ୍ଗୀତ, ଓଡ଼ିଶୀ, ସମ୍ବଲପୁରୀ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଇ ହୋଇଥିଲା । ୪୪ ଜଣ କୃତୀ ପ୍ରତୀଯୋଗି ମାନଙ୍କୁ ମଟଂରେ ପ୍ରମାଣ ପତ୍ର ଟ୍ରଫି ସହ ପୁରସ୍କୃତ କରାଯାଇ ଥିଲା ।ବିଚାରକ ମଣ୍ଡଳୀ କାର୍ତ୍ତିକ ଚନ୍ଦ୍ର ମହାନ୍ତି ,ଜଗନ୍ନାଥ ଦାଶ, ପଲ୍ଲଭି ସେଠୀ ଓ ବର୍ଷାରାଣୀ ସାହୁଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଟନର ସହସମ୍ପାଦିକା ସଚଳା ପଣ୍ଡା,ଆଇନଜୀବୀ ଆରତୀ ଚୌଧୁରୀ, ଝୁନୁଲତା ସାହୁ, ମିନା ବେହେରା ,ବିଶ୍ୱଜିତ ଦାସ, ରବର୍ଟ ହାଇଫିଲ ,ଦେବେନ୍ଦ୍ର ସାହୁ, କପ୍ରା ହାଁସଦା, ଅନୁଆରି ବେଗମ, ଅନ୍ତର୍ଯ୍ୟମି ବେଉରା, ସୁରଥ ପରିଡ଼ା, ମାୟା ହାଁସଦା,କାଳନ୍ଦୀ ଚରଣ ମଲ୍ଲିକ ପ୍ରମୁଖ ବିଜୁ ପଟ୍ଟନାୟକ ଙ୍କ ଜୀବନାଦର୍ଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାମ୍ବାଦିକ ତଥା କବି କୁଞ୍ଜବିହାରୀ ରାଉତ , ରାନୁ ମହାପାତ୍ର ସମାଜସେବୀ ସରୋଜ ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଚଂଳର ବହୁ କଳାକାର, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ସମାଜସେବୀ, ଶିକ୍ଷାବିତ ଓ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଶେଷରେ ଝାନ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଷ୍ଟ୍ରଭାଷା ପରୀକ୍ଷା ଅନୁଷ୍ଠିତ

ରାଉରକେଲା,୬/୩(ନି/ପ୍ର): ରାଷ୍ଟ୍ରଭାଷା ପ୍ରଚାର ଏବଂ ବିକାଶ ସଂସ୍ଥାନ, ରାଉରକେଲା ଆନୁକୂଲ୍ୟରେ ଦୀପିକା ଇସ୍ପାତ ଶିକ୍ଷା ସଦନ, ସେକ୍ଟର ୧୮ ଠାରେ ରାଷ୍ଟ୍ରଭାଷା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରଭାଷା ପ୍ରଚାର ସମିତି,ୱର୍ଦ୍ଧା ଅନ୍ତର୍ଗତ ରାଷ୍ଟ୍ରଭାଷା ପ୍ରାଥମିକ, ପ୍ରାରମ୍ଭିକ, ପ୍ରବେଶ, ପରିଚୟ, କୋବିଦ ଏବଂ ରନ୍ ପରୀକ୍ଷା ୨୮ ଫେବୃଆରୀରୁ ୦୩ ମାର୍ଚ୍ଚ ଚାରିଦିନ ଧରି ଅନୁଷ୍ଠିତ ହୋଇଥିଲା। ରାଉରକେଲା ତଥା ଆଖପାଖ ଅଚଂଳର ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରୁ ମୋଟ ୧୧୮ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ ଯୋଗ ଦେଇଥିଲେ। କେନ୍ଦ୍ର ଅଧୀକ୍ଷକ ତଥା ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ସମ୍ପନ୍ନ ହୋଇଥିଲା ବୋଲି ସଂସ୍ଥାନର ମ୍ୟାନେଜିଂ ଟ୍ରଷ୍ଟି ତଥା ସମ୍ପାଦକ ଡଃ ଜଗନ୍ନାଥ ଦାଶ ଜଣାଇଛନ୍ତି।

ଭାରସାମ୍ୟ ହରାଇ ଘରେ ପଶିଲା ହାଇୱା, ବୃଦ୍ଧା ମୃତ

କୋରେଇ,୬/୩(ନି/ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ପଳସା ଆଦିବାସୀ ବସ୍ତିରେ ହୋଲି ରାତ୍ରୀରେ ଏକ ଅଭାବନୀୟ ଘଟଣା ଗଟିଛି । ହାଇୱା ଦୁର୍ଘଟଣାରେ ଜଣେ ବୃଦ୍ଧାର ମୃତ୍ୟୁ ଘଟିଛି । ପ୍ରକାଶଯେ ବୁଧବାର ବିଳମ୍ବିତ ରାତ୍ରୀରେ ସଠିପୁର ବରୁଣ୍ଡାଇ ରାସ୍ତାରେ କଂଟାବଣିଆ ବାଲିଘାଟକୁ ବାଲି ପାଇଁ ଯାଉଥିବା ଏକ ହାଇୱା (ଓଡି୨୨ଜି ୪୨୧୨) ଦ୍ରୁତ ଗତିରେ ଯାଇ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡର ପାର ହୋଇ ପଳସା ଅଦିବାସୀ ବସ୍ତିରେ ଜଗା ମୁଣ୍ଡା ଘରେ ପିଟି ହୋଇଥିଲା ।

ମହାବୀର କ୍ଲବ ଝାଡ଼ମାଳର ବାର୍ଷିକ ଉତ୍ସବ

ସମାଜସେବୀ ଓ଼ ଶିକ୍ଷାବିତ ଦାମୋଦର ଧଳଙ୍କୁ ମହକ ସମ୍ମାନ

ରାଉରକେଲା/ରାଜକନିକା,୬/୩(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଝଡ଼ମାଳ ମହାବୀର କ୍ଲବ ପକ୍ଷରୁ ଆୟୋଜିତ ୧୮ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ମହାସମାରୋହ ରେ ସମ୍ପନ୍ନ ହୋଇଛି କ୍ଷ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଉପେନ୍ଦ୍ର କୁମାର ରାଉଳ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସୁସାହିତ୍ୟିକ ଅଭୟ କୁମାର ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ‘ସୁଧା’ ପତ୍ରିକାର ସମ୍ପାଦକ ତଥା ଜଣାଶୁଣା ସାହିତ୍ୟିକ ହରେକୃଷ୍ଣ ବାରିକ, ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଫକୀର ଚନ୍ଦ୍ର ପ୍ରଧାନ,ଶିକ୍ଷାବିତ ବେଣୁଧର ସାମଲ ଓ ମୁରଲୀଧର ଦାସ ପ୍ରମୁଖ ଯୋଗଦେଇ ଅଚଂଳର ସାମାଜିକ ଓ଼ ସାଂସ୍କୃତିକ ବିକାଶ ରେ ମହାବୀର କ୍ଲବ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ଗ୍ରାମବାସୀଙ୍କ ଭଲପାଇବା ଓ଼ ଆସ୍ଥାକୁ ଆଧାର କରି ଯୁବ କର୍ମକର୍ତ୍ତାମାନେ ଏଦିଗରେ ଉଦାହରଣ ସୃଷ୍ଟି କରିଛନ୍ତି ଓ଼ ସେମାନେ ପ୍ରଶଂସାର ଯୋଗ୍ୟ ବୋଲି କହିଥିଲେ। ଆଗାମୀ ଦିନରେ କ୍ଲବ ଏହି ସାମାଜିକ ଓ଼ ସାଂସ୍କୃତିକ ଭାବଧାରାକୁ ବଜାୟ ରଖିବ ବୋଲି ଅତିଥିବୃନ୍ଦ ଆଶା ପ୍ରକଟ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ ଦାମୋଦର ଧଳ ଙ୍କୁ ’ମହକ’ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ରାଜକନିକା ବ୍ଲକର ଯୁବ ସାମ୍ବାଦିକ ଅଜୟ କୁମାର ରାଉତଙ୍କୁ ‘ସାମ୍ବାଦିକ ଗୌରବ’ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବର ସମ୍ପାଦକ ସୁବ୍ରତ କୁମାର ନାୟକଙ୍କ ମତହ ପରି ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ କ୍ରମରେ ଶିକ୍ଷକ ନାରାୟଣ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଦୁଷ୍ମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ଅଧ୍ୟକ୍ଷ ଶିଶିର କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ବିଶ୍ୱ ଭୂଷଣ ପ୍ରଧାନଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।

ଶିକ୍ଷକଙ୍କ ବଦଳିକୁ ବିରୋଧ କରି ସ୍କୁଲରେ ତାଲା ମାରିଲେ ଗ୍ରାମବାସୀ

ନୂଆପଡ଼ା,୬/୩(ନି/ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର କନକପୁର ପ୍ରାଥମିକ ବିଦ୍ୟାଳୟରେ ଆଜି ତାଲା ପକାଇ ଧାରଣା ଦେଇଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକ। ସ୍କୁଲରେ ଶିକ୍ଷକ ଥିବା ଅଭିରାମ ମାଝୀଙ୍କୁ ଗତ ପଚିଶ ତାରିଖରେ ଅନ୍ୟ ସ୍କୁଲକୁ ବଦଳି କରା ହୋଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ପାଠ ପଢା ବନ୍ଦ କରିବା ସହ ଧାରଣା ଦେଇଛନ୍ତି। ଶିକ୍ଷକ ଅଭିରାମ ମାଝୀ ଜଣେ ଛାତ୍ର ବତ୍ସଳ ଓ କର୍ତବ୍ୟ ପରାୟଣ ଶିକ୍ଷକ ଥିଲେ ଏଣୁ ତାଙ୍କୁ ପୁଣିଥରେ ଅବସ୍ଥାପିତ କରିବାକୁ ସେମାନେ ଦାବି କରିଛନ୍ତି। ବୋଡ଼େନ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରେଶ୍ୱର ମେହେର ଆସି ଲୋକ ମାନଙ୍କ ସହ ଆଲୋଚନା କରୁଛନ୍ତି।

ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସ୍ମାର୍ଟ ଇଞ୍ଜିନିୟରିଂ ଆଲୋଚନାଚକ୍ର

ରାଉରକେଲା,୬/୩(ନି/ପ୍ର): ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଭାରତ), ରାଉରକେଲା ଲୋକାଲ୍ ସେଟଂର ଦ୍ୱାରା ରାଉରକେଲା ଲୋକାଲ୍ ସେଟଂର ବିଲ୍ଡିଂ, ଏନ୍ଆଇଟି କ୍ୟାମ୍ପସ, ରାଉରକେଲାରେ ‘ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସ୍ମାର୍ଟ ଇଞ୍ଜିନିୟରିଂ’ ଶୀର୍ଷକ ଉପରେ ଅନଲାଇନ୍ଏବଂ ଅଫ୍ଲାଇନ୍ ମୋଡ୍ରେ କନଫରେନ୍ସ ହଲ୍ ଠାରେ ବିଶ୍ୱ ଇଞ୍ଜିନିୟରିଂ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ବକ୍ତାଭାବେ ସୁଧୀର କୁମାର ବାଇ, ପ୍ରମୁଖ ବୈଜ୍ଞାନିକ ଅଧିକାରୀ, କେନ୍ଦ୍ରୀୟ ଗବେଷଣା ସୁବିଧା (ଉଜର), ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ, ରାଉରକେଲା ଯୋଗଦେଇ ଥିବା ବେଳେ ଅବୈତନିକ ସଚିବ ହିମାଂଶୁ ଶତପଥୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅଧକ୍ଷ ଇଞ୍ଜିନିୟର ଦୀପ୍ତଙ୍କର ମହାପାତ୍ର ବୈଠକର ଅଧ୍ୟକ୍ଷତା କରିଥିଲେ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଅବୈତନିକ ସଚିବ ଶ୍ରୀ ମହାପାତ୍ର ବକ୍ତା ଶ୍ରୀ ବାଇଙ୍କ ସମ୍ପର୍କରେ କହିଥିଲେ । ବକ୍ତା ଶ୍ରୀ ବାଇ ନବସୃଜନ ଏବଂ ଡିଜିଟାଲାଇଜେସନ୍ ମାଧ୍ୟମରେ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସ୍ମାର୍ଟ ଇଞ୍ଜିନିୟରିଂ ଉପରେ ଆଲୋଚନା କରିଥିଲେ। ବକ୍ତା ନବସୃଜନ ଏବଂ ଡିଜିଟାଲାଇଜେସନ୍ ମାଧ୍ୟମରେ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସ୍ମାର୍ଟ ଇଞ୍ଜିନିୟରିଂର ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଆଲୋଚନା ବିଶ୍ୱସ୍ତରୀୟ ତଥ୍ୟ ଦ୍ୱାରା ସମର୍ଥିତ ସ୍ଥାୟୀତ୍ୱ ଜରୁରୀତା ଏବଂ ବିଶ୍ୱସ୍ତରୀୟ ସ୍ଥାୟୀତ୍ୱ ଭୂଦୃଶ୍ୟରେ ଭାରତର ସ୍ଥିତିର ବିଶ୍ଳେଷଣ ସହିତ ଆରମ୍ଭ ହୋଇଥିଲା। ତା’ପରେ ସେ ସ୍ମାର୍ଟ ଇଞ୍ଜିନିୟରିଂର ମୌଳିକ ତତ୍ତ୍ୱଗୁଡ଼ିକୁ ବ୍ୟାଖ୍ୟା କରିଥିଲେ, ଦକ୍ଷ ଏବଂ ସ୍ଥାୟୀ ଇଞ୍ଜିନିୟରିଂ ସିଷ୍ଟମ ନିର୍ମାଣରେ ଇଟଂରନେଟ୍ ଅଫ୍ ଥିଙ୍ଗସ୍ , କୃତ୍ରିମ ବୁଦ୍ଧିମତ୍ତା , ଡିଜିଟାଲ୍ ଟ୍ୱିନ୍ସ ଏବଂ ଇଣ୍ଡଷ୍ଟ୍ରି ଭଳି ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନକାରୀ ଭୂମିକା ଉପରେ ଆଲୋକପାତ କରିଥିଲେ। ଅଧିବେଶନରେ ଭାରତର ଭବିଷ୍ୟତ ରୋଡମ୍ୟାପ୍ ମଧ୍ୟ ଅନୁସନ୍ଧାନ କରାଯାଇଥିଲା, ଯାହା ବିଦ୍ୟମାନ ପ୍ରତିବନ୍ଧକ, ଉଦୀୟମାନ ସୁଯୋଗ ଏବଂ ସ୍ଥାୟୀ ବିକାଶକୁ ଆଗକୁ ବଢ଼ାଇବାରେ ଇଞ୍ଜିନିୟର, ଗବେଷକ ଏବଂ ଶିଳ୍ପର ସାମୂହିକ ଭୂମିକା ଉପରେ ଧ୍ୟାନ ଦେଇଥିଲା। ଆଲୋଚନାର ଏକ ପ୍ରମୁଖ ଆକର୍ଷଣ ରେ ସ୍ଥାୟୀ ଇଞ୍ଜିନିୟରିଂ ବିପ୍ଳବକୁ ଚଳାଇଥିବା ୫ଟି ଅଭିସରଣକାରୀ ପ୍ରଯୁକ୍ତି ବିଦ୍ୟାର ବ୍ୟାଖ୍ୟା: ସେ ଆହୁରି ଦର୍ଶାଇଥିଲେ ଯେ କିପରି ଏଆଇ-ଚାଳିତ ରିଅଲ୍-ଟାଇମ୍ ମନିଟରିଂ ସିଷ୍ଟମ ମିଲିସେକେଣ୍ଡ ମଧ୍ୟରେ ଗ୍ରୀଡ୍ ଫ୍ରିକ୍ୱେନ୍ସି ବିଚ୍ୟୁତି ଚିହ୍ନଟ କରିପାରିବ। ଥରେ ଏକ ବିଚ୍ୟୁତି ଚିହ୍ନଟ ହୋଇଗଲେ, ସ୍ୱୟଂଚାଳିତ ପ୍ରେରଣ ଯନ୍ତ୍ରଗୁଡ଼ିକ ତୁରନ୍ତ ମେଗାୱାଟ୍ ଶକ୍ତି ଇଞ୍ଜେକ୍ସନ୍ କିମ୍ବା ଶୋଷଣ କରିପାରିବ - ପାରମ୍ପରିକ ବିଦ୍ୟୁତ୍ ପ୍ଲାଟଂଗୁଡ଼ିକ ଆରମ୍ଭ ହେବା ଅପେକ୍ଷା ଦ୍ରୁତ ପ୍ରତିକ୍ରିୟା ଦେଇ। ଅତିରିକ୍ତ ଭାବରେ, ପାଣିପାଗ ପୂର୍ବାନୁମାନ ଏବଂ ରିଅଲ୍-ଟାଇମ୍ ବିଦ୍ୟୁତ୍ ବଜାର ମୂଲ୍ୟ ବିଶ୍ଳେଷଣ କରି ବ୍ୟାଟେରୀ ଚାର୍ଜ ଏବଂ ଡିସଚାର୍ଜ ଚକ୍ରକୁ ଅପ୍ଟିମାଇଜ୍ କରିବା ପାଇଁ ମେସିନ୍ ଲର୍ଣ୍ଣି ଆଲଗୋରିଦମ ବ୍ୟବହାର କରାଯାଏ, ଯାହା ଦ୍ୱାରା ଶକ୍ତି ଦକ୍ଷତା ଏବଂ ଗ୍ରୀଡ୍ ସ୍ଥିରତା ଉନ୍ନତ ହୁଏ। ଉପସ୍ଥାପନା ପରେ ଶିଳ୍ପପତି ଏବଂ ଶିକ୍ଷାବିତ୍ ଙ୍କ ମଧ୍ୟରେ ଏହି ବିଷୟ ଉପରେ ଏକ ସଂକ୍ଷିପ୍ତ ଆଲୋଚନା ହୋଇଥିଲା। ଏହା ପରେ, ଇଞ୍ଜିନିୟର ମହାପାତ୍ର ବକ୍ତା ଶ୍ରୀ ବାଇଙ୍କୁ ଏକ ମାନପତ୍ର ଏବଂ ଏକ ସ୍ମାରକୀ ପ୍ରଦାନ କରିଥିଲେ।

ରାଉରକେଲା ଓକିଲ ସଂଘ ନିର୍ବାଚନ ମାର୍ଚ୍ଚ ୨୮ରେ

ସରୋଜ ନାରାୟଣ ମହାପାତ୍ର ନିର୍ବାଚନ ଅଧିକାରୀ ନିଯୁକ୍ତ



ରାଉରକେଲା,୬/୩(ନି/ପ୍ର): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ (ଓ ଏସ ବି ସି) ନିର୍ଦ୍ଦେଶ କ୍ରମେ ଓଡ଼ିଶାର ସମସ୍ତ ଓକିଲ ସଂଘର ଆଗାମୀ ୨୦୨୬-୨୭ ବର୍ଷ ପାଇଁ କର୍ମକର୍ତା ଓ କାର୍ଯକାରୀ କମିଟି ନିର୍ବାଚନ ଆସନ୍ତା ମାର୍ଚ୍ଚ ୨୮ ତାରିଖ ଦିନ ଧାର୍ଯ୍ୟ କରାଯାଇଛି। ଏହି ନିର୍ବାଚନ କୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ରାଉରକେଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ ରେ ସଂଘ ର ବରିଷ୍ଠ ସଦସ୍ୟ ଆଇନଜୀବୀ ସରୋଜ ନାରାୟଣ ମହାପାତ୍ର ଙ୍କୁ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଛି। ନିର୍ବାଚନ ଅଧିକାରୀ ଶ୍ରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କଲାପରେ ଓ ଏସ ବି ସି ନୋଟିଫିକେସନ ଅନୁଯାୟୀ ଆଗାମୀ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୭ ତାରିଖ ରୁ ମାର୍ଚ୍ଚ ୯ ତାରିଖ ନାମାଙ୍କନ ପତ୍ର ଦାଖଲ,୧୦ ମାର୍ଚ୍ଚ ପ୍ରାର୍ଥୀ ପତ୍ର ପ୍ରକାଶ,୧୧ ମାର୍ଚ୍ଚ ନାମାଙ୍କନ ପତ୍ର ଯାଚଂ,୧୨ ମାର୍ଚ୍ଚ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ,୧୩ ମାର୍ଚ୍ଚ ନାମାଙ୍କନ ପତ୍ର ପ୍ରତ୍ୟାହାର,୧୪ ମାର୍ଚ୍ଚ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ସହିତ ମାର୍ଚ୍ଚ ୨୮ ତାରିଖ ସକାଳ ୭.୩୦ ମିନିଟ ରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଓ ଅପରାହ୍ନ ୪ ଟା ପରେ ଭୋଟ ଗଣତି ହୋଇ ସେହି ଦିନ ଫଳାଫଳ ପ୍ରକାଶ କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ମହାପାତ୍ର ଏକ ପ୍ରେସ ବିବୃତିରେ ଜଣାଇବା ସହିତ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି।

ରାଉରକେଲାର କଲୁଙ୍ଗାରେ ଅଜଣା ଯୁବତୀର ଶବ ଉଦ୍ଧାର

ରାଉରକେଲା,୬/୩(ନି/ପ୍ର): ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ କୁଲୁଙ୍ଗାରେ ଜଣେ ଅଜଣା ଯୁବତୀର ଶବ ମିଳିବା ପରେ ଅଚଂଳରେ ହଇଚଇ ସୃଷ୍ଟି ହୋଇଥିଲା। ଯୁବତୀଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ବ୍ରାହ୍ମଣୀତରଙ୍ଗ ଥାନାକୁ ଖବର ଦେବା ପରେ, ପୋଲିସ୍ ସେଠାରେ ପହଚିଂ ଯୁବତୀର ଶବକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅଧିନସ୍ଥ ଆଜି ସକାଳେ ଏକ ଯୁବତୀର ଶବ ମିଳିବା ପରେ ସ୍ଥାନୀୟ ଅଚଂଳର ଲୋକମାନଙ୍କ ବ୍ରାହ୍ମଣୀତରଙ୍ଗ ଥାନାକୁ ସୂଚନା ଦେଇଥିଲେ। ପୋଲିସ୍ ଘଟଣାସ୍ଥଳରେ ପହଚିଂ ଯୁବତୀଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପୋଷ୍ଟମର୍ଟମ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ପୋଲିସ୍ ପକ୍ଷରୁ ସନ୍ଦେହ କରାଯାଉଛି ଯେ ଯୁବତୀଙ୍କୁ ସେଠାରେ ହତ୍ୟା କରାଯାଇଛି ନାଁ, ଅନ୍ୟ କେଉଁଠାରୁ ହତ୍ୟା କରି ସେଠାରେ ଫିଙ୍ଗି ଦିଆଯାଇଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ହତ୍ୟା ଘଟଣାର ରହସ୍ୟ ଜଣାପଡିବ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି।

ଖଡ଼ିଆଳରେ ଦୁଇ ଗୋଟି ପୁସ୍ତକ ଲୋକାର୍ପିତ

ନୂଆପଡ଼ା,୬/୩(ନି/ପ୍ର): ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ଓ କଂଟାବାଞ୍ଜି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଞ୍ଜିବନୀ ସୁଧା ରଥ ଉଭୟଙ୍କ ଦ୍ୱାରା ଲିଖିତ ପୁସ୍ତକ ’ ଅନୁଶୀଳନ ଓ ବିଶ୍ଳେଷଣ ’ ଏବଂ ଶ୍ରୀ ଯୋଷୀଙ୍କ ରଚିତ ଇଂରାଜୀ ପୁସ୍ତକ ’ ଚେଞ୍ଜ ଆଣ୍ଡ ଟ୍ରେଡିସନ୍ସ ଇନ୍ ନାଇଜେରିଏନ୍ ନୋଭେଲ୍ସ ଇନ୍ ଇଂଲିଶ୍ : ସିଲକ୍ଟେଡ୍ ୱାର୍କ୍ସ ଅଫ୍ ଚିନୁଆ ଆଚେବେ ଏଣ୍ଡ ବେନ୍ ଓକ୍ରି’ ଖଡ଼ିଆଳ ପାଠାଗାର ଗୃହରେ ଲୋକାର୍ପିତ ହୋଇଯାଇଛି । ସମାରୋହରେ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ପ୍ରାକ୍ତନ ଅଧକ୍ଷା ତଥା ସୁସାହିତ୍ୟିକା ଡକ୍ଟର ଅଞ୍ଜଳି ପାଢ଼ୀ ଓ ବିଶିଷ୍ଟ କବି ପଟ୍ଟାୟତ ନୀଳଲୋହିତ ସିଂହ ଦେବ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରିଥିଲେ । ବୋଡେନ ସ୍ଥିତ ବିଜୁପଟ୍ଟନାୟକ ମହାବିଦ୍ୟାଳୟର ପ୍ରାଧ୍ୟାପକ ସାମୁଏଲ ଦାନୀ, ସୁସାହିତ୍ୟିକ ଡକ୍ଟର ସୁଶାନ୍ତ କୁମାର ବିଶି ଓ ଗାଳ୍ପିକ ମିୟୋଗ ରଞ୍ଜନ ପାତ୍ର ପୁସ୍ତକ ଦୁଇଟି ଉପରେ ଆଲୋଚନା କରିଥିବା ବେଳେ ରାଜା ଆର୍ତତ୍ରାଣ ସରକାରୀ

ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଟଂର ୧୬ତମ ଇସ୍ପାତ ସିନର୍ଜି କ୍ରିକେଟ୍ ଚାମ୍ପିଅନସିପ୍-୨୦୨୬ର ଟାଇଟଲ ହାସଲ କରିଛି ଏସଏମ୍ଏସ-୨ ଆଭେଞ୍ଜର୍ସ ଦଳ

ରାଉରକେଲା,୬/୩ (ନି/ପ୍ର): ୧୬ତମ ଇସ୍ପାତ ସିନର୍ଜି କ୍ରିକେଟ୍ ଚାମ୍ପିଅନସିପ୍ - ୨୦୨୬ ରେ ଚାମ୍ପିଅନ ହୋଇଛି, ଏସଏମ୍ଏସ-୨ ଆଭେଞ୍ଜର୍ସ ଦଳ । ସୂଚନା ଯୋଗ୍ୟ ଯେ ଏହି ପ୍ରତିଯୋଗୀତା ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଟଂ (ଋଝଚ) ର ଏକ କର୍ମଚାରୀ ନିୟୋଜନ ପଦକ୍ଷେପ। ୩ ମାର୍ଚ୍ଚ, ୨୦୨୬ ରେ ଇସ୍ପାତ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚରେ ଇଲେକ୍ଟ୍ରିକାଲ୍ ଇଗଲ୍ସ ଦଳକୁ ୮ ୱିକେଟରେ ପରାସ୍ତ କରିଛି ଝଗଝ-ଓଓ ଆଭେଞ୍ଜର୍ସ । ଶ୍ରୀଯୁକ୍ତ ତରୁଣ ମିଶ୍ର, ରଉ (ଐଜ), ଉକ୍ତ ଇଭେଟଂର ସମାପନୀ ଉତ୍ସବରେ ମୁଖ୍ୟ ଅତିଥି ଥିଲେ ଏବଂ ବିଜେତା ଏବଂ ରନର୍ସ-ଅପ୍ ଦଳଗୁଡ଼ିକୁ ଟ୍ରଫି ପ୍ରଦାନ କରିଥିଲେ। ଋଝଚ ର ଅନେକ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ତରୁଣ ମିଶ୍ର ବିଜେତାମାନଙ୍କ ସହିତ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ଶ୍ରେଷ୍ଠ କ୍ରୀଡାପ୍ରେମୀ ଏବଂ ଦଳଗତ ମନୋଭାବ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ସମଗ୍ର ଟୁର୍ଣ୍ଣାମେଟଂରେ ଖେଳାଳିମାନେ ଦେଖାଇଥିବା ସୌହାର୍ଦ୍ଦ୍ୟ ଏବଂ କ୍ରୀଡାପ୍ରେମୀ ମନୋଭାବକୁ ମଧ୍ୟ ପ୍ରଶଂସା କରିଥିଲେ। ଫାଇନାଲ ମ୍ୟାଚରେ ଝଗଝ-ଓଓ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି, ଦଳ ଇଲେକ୍ଟ୍ରିକ୍ ଇଗଲ୍ସ ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୧୦୪ ରନ କରିଥିଲା ।ଏସଏମ୍ଏସ୍-୨ ଦଳ ଗୋଟିଏ ବଲ ଏବଂ ୮ ୱିକେଟ ବାକି ଥାଇ ଲକ୍ଷ୍ୟ ହାସଲ କରିଥିଲା। ଝଗଝ-ଓଓ ଆଭେଞ୍ଜର୍ସର ନିହାର ରଞ୍ଜନ ନାୟକଙ୍କୁ ନଟ୍ ଆଉଟ୍ ୫୨ ରନ ଏବଂ ୧ ୱିକେଟ ପାଇଁ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଫାଇନାଲ ମ୍ୟାଚରେ ପ୍ରସାଦ ରଥ ଏବଂ ପ୍ରଶାନ୍ତ ମହାନ୍ତି ଅମ୍ପାୟାର ଥିଲେ। କର୍ପୋରେଟ୍ ଟାଇଟାନ୍ସ ଦଳର ଶ୍ରୀ ଜ୍ୟୋତିର୍ମୟ ଜ୍ଞାନ ଶ୍ରେଷ୍ଠ ବ୍ୟାଟର ପୁରସ୍କାର ଜିତିଥିଲେ ଯେତେବେଳେ ବୋଲାନି ବ୍ଲେଜର୍ସ ଦଳର ଶ୍ରୀ ମାନସ କୁମାର ପ୍ରଧାନ ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ସମ୍ମାନିତ ଅତିଥିମାନେ ମ୍ୟାଚ୍ ଅଧିକାରୀ, ସମସ୍ତ ୧୬ ମ୍ୟାଚର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବ୍ୟାଟସମ୍ୟାନ, ଶ୍ରେଷ୍ଠ ବୋଲର ଏବଂ ବିଜୟୀ ଏବଂ ରନର୍ସ ଅପ୍ ଦଳର ସଦସ୍ୟମାନଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀମତୀ ଦିବ୍ୟା ସାହୁ, ଆସିଷ୍ଟାଟଂ ମେନେଜର (ମାନବ ସମ୍ବଳ) ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ ଯେତେବେଳେ ଶ୍ରୀ ରଘୁ ନନ୍ଦନ ପାଢୀ, ଡେପୁଟି ମେନେଜର (କ୍ରୀଡା) ଏବଂ ଶ୍ରୀ ବୁଧୁ ସିଂ ଆସିଷ୍ଟାଟଂ ମେନେଜର (କ୍ରୀଡା) ସମଗ୍ର ଟୁର୍ଣ୍ଣାମେଟଂର ସଂଯୋଜନା କରିଥିଲେ। ଇଡି ମାନବ ସମ୍ବଳଙ୍କ ଦ୍ୱାରା କ୍ରୀଡା ପତାକା ଅବତରଣ ଏବଂ ଚାମ୍ପିଅନସିପର ସମାପ୍ତି ଘୋଷଣା ସହିତ ଏହି ମେଗା ବାର୍ଷିକ କାର୍ଯ୍ୟକ୍ରମ ଶେଷ ହୋଇଥିଲା।